

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୮ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 8 SEPTEMBER 2020

Vol.No. 30 ■ No. 228 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


## ଘୁଂଚିଲା ଓଜେଇଇ

ଭୁବନେଶ୍ୱର,୭।୯ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା-ଜେଇଇ ପ୍ରବେଶିକା ପରୀକ୍ଷାକୁ ଘୁଂଚାଇଦେଇଛନ୍ତି । ପରବର୍ତ୍ତି ସମୟରେ ଏହି ପରୀକ୍ଷା ପାଇଁ ନୂଆ ତାରିଖ ପ୍ରକାଶ ପାଇବ । ଏ ସମ୍ପର୍କରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଏହି ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୯ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିଲା । ଏହି ପରୀକ୍ଷା ପାଇଁ ରାଜ୍ୟର ବିଭିନ୍ନ ସହରରେ ୨୧ଟି ଓ ରାଜ୍ୟ ବାହାରେ ୩ଟି ପରୀକ୍ଷା କେନ୍ଦ୍ର କୋଲକତା, ରାଂଚି ଓ ପାଟନା କରାଯାଇଥିଲା । ଗତ ସେପ୍ଟେମ୍ବର ୧ର ଆରମ୍ଭ ହୋଇଥିବା ଏହି ପରୀକ୍ଷା ୬ ତାରିଖରେ ସମାପ୍ତ ହୋଇଥିଲା ଓ ଏହାର ଫଳାଫଳ ୧୧ ତାରିଖରେ ପ୍ରକାଶ ପାଇବ ।

## କାର୍ଯ୍ୟରେ ଯୋଗ ଦେଲେ ନୂଆ ଟ୍ରାଫିକ୍ ଡିସିପି

ଭୁବନେଶ୍ୱର,୭।୯ (ନି.ପ୍ର): ଆଇପିଏସ ଅଫିସର ସୌମ୍ୟା ମିଶ୍ର ନୂଆ ଟ୍ରାଫିକ ଡିସିପି ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି । ଭୁବନେଶ୍ୱର କମିସନରେଟ ପୋଲିସ କାର୍ଯ୍ୟାଳୟରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଙ୍କ ଉପସ୍ଥିତିରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ସୌମ୍ୟା ମିଶ୍ର । ପୂର୍ବରୁ ସେ ସୁନ୍ଦରଗଡ ଏସପି ଭାବେ କାର୍ଯ୍ୟ କରୁଥିଲେ । ଆଇପିଏସ୍ ସାଗରିକ ନାଥଙ୍କ ବଦଳି ପରେ ତାଙ୍କ ଟ୍ରାଫିକ ଡିସିପି ଭାବେ ଦାୟିତ୍ୱ ଦିଆଯାଇଥିଲା ।

## ଭୁବନେଶ୍ୱରରୁ ଆଉ ୩୯୪ ପଜିଟିଭ୍

ଭୁବନେଶ୍ୱର,୭।୯ (ନି.ପ୍ର): ଭୁବନେଶ୍ୱରର ମହାନଗର ନିଗମ ଅଂଚଳରୁ ଗତ ୨୪ ଘଂଟାରେ ୩୯୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହା ମଧ୍ୟରୁ ୧୫୯ଟି କ୍ୱାରାଂଟାଇନ ମାମଲା ଥିବାବେଳେ ୨୩୫ଟି ସ୍ଥାନୀୟ ସଂକ୍ରମଣ ମାମଲା ରହିଛି । ସେହିପରି ୨୪ ଘଂଟାରେ ୩୦୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତିଏବଂ ଜଣେ ଲୋକଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି । ୩୯୪ଟି ନୂଆ ମାମଲାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୩,୬୮୯ ଛୁଇଁଛି । ଏହା ମଧ୍ୟରୁ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୫୦୯୯ ରହିଛି । ଏହା ସହିତ ଭୁବନେଶ୍ୱରରେ ମୋଟ ସୁସ୍ଥସଂଖ୍ୟା ୮୫୨୯ ରେ ପହଂଚିଥିବାବେଳେ ମୃତ୍ୟୁସଂଖ୍ୟା ୪୯ ଛୁଇଁଛି ।ସୋମବାର ଚିହ୍ନଟ୧୫୯ଟି କ୍ୱାରାଂଟାଇନ ମାମଲା ମଧ୍ୟରୁ ୧୫୮ଟି ମାମଲା ପୂର୍ବ ପଜିଟିଭ ମାମଲା ସଂସ୍ପର୍ଶରେ ଆସିଥିବା ବେଳେ ଜଣେ ସଂକ୍ରମିତ ଦିଲ୍ଲୀରୁ ଫେରିଥିଲେ । ସେମାନଙ୍କ ମଧ୍ୟରୁ ଆଇଆରସି ଭିଲେଜରୁ ୭ଜଣ , ପଟିଆ ମା ମଙ୍ଗଳା ସାହି , କଳ୍ପନା, କଳିଙ୍ଗ ବିହାର, ଲକ୍ଷ୍ମୀସାଗର ରୁ ୬ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ୨୩୫ ସ୍ଥାନୀୟ ଆଂକ୍ରାନ୍ତଙ୍କ ମଧ୍ୟରୁ ବମିଖାଲରୁ ୯ ଜଣ, ନୟାପଲ୍ଲୀରୁ ୭ ଜଣ , ମଂଚେଶ୍ୱର, ନୟାପଲ୍ଲୀ ବେହେରାସାହି, ଶୈଳଶ୍ରୀ ବିହାର, ଝାରପଡା, ସାମନ୍ତରାପୁର, ୟୁନିଟ୍ ୯ , ୟୁନିଟ୍ ୮ ରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବର୍ଷା ପ୍ରିୟଦର୍ଶିନୀଙ୍କ ବୟାନ ରେକର୍ଡ କଲେ ଅଧିକାରୀ

## ପିଟିସନର ଶୁଣାଣି ଅକ୍ଟୋବର ୧୨ ତାରିଖକୁ ଘୁଂଚିଲା



ଭୁବନେଶ୍ୱର,୭।୯ (ନି.ପ୍ର): ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପିଟିସନର ଶୁଣାଣି ଘୁଂଚିଛି । ଏବେ ଅକ୍ଟୋବର ୧୨ ତାରିଖରେ ଏହାର ଶୁଣାଣୀ ହେବ । ଅନ୍ୟ ପକ୍ଷରେ ଆଜି ଡିଭି ଆକ୍ଟ ପ୍ରୋଟେକ୍ସନ ଅଫିସର ବର୍ଷାଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଘରୋଇ ହିଂସା ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସ୍ୱାମୀ ଅନୁଭବଙ୍କ ବିରୋଧରେ ବର୍ଷା ଅଭିଯୋଗ ଆଣି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କଟକ ପରିବାର ଅଦାଲତରେ ବର୍ଷା ନିଜ ଦାମ୍ପତ୍ୟ ସମ୍ପର୍କର ସୁରକ୍ଷାର ଅନୁରୋଧ କରି ରୁଜୁ କରିଥିବା ମାମଲାର ଶୁଣାଣି ହେବ । ସେପଟେ ଅନୁଭବଙ୍କ ଅଭିଯୋଗର ଜବାବ ସୋସିଆଲ ମିଡିଆରେ ଦେଇଛନ୍ତି ବର୍ଷା ପ୍ରିୟଦର୍ଶିନୀ । ଫେସବୁକରେ ପୋଷ୍ଟ କରି ବର୍ଷା ଲେଖିଛନ୍ତି, ସତ କେବେ ଲୁଚି ରହେନା । ଜଣକ ଉପରେ ମିଛ ଅଭିଯୋଗ ଆଣି ଜଣକ ଚରିତ୍ର ଉପରେ ଆଙ୍ଗୁଠି ଉଠାଇବା ଆଗରୁ ଭଗବାନଙ୍କୁ ଭୟ କରିବା ଉଚିତ । ମୋର ଭଗବାନଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରହିଛି ।

# ଆହୁରି ୫ ଦିନ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୭।୯ (ନି.ପ୍ର): ସଂପ୍ରତି ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ସ୍ଥିତିରେ ରହିଥିବାରୁ ଦିନର ତାପମାତ୍ରା ବୃଦ୍ଧି ପାଇଛଇ ଏବଂ ବର୍ଷା ପରିମାଣ କମିଛି । ଏହା ସତ୍ୱେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ୧୨ ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ରାଜ୍ୟର ବହୁ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ଆଭ୍ୟନ୍ତରୀଣ ଓଡିଶାର ଏବଂ ଉପକୂଳ ଓଡିଶାର କିଛି ଜିଲ୍ଲାର ଗୋଟିଏ କିମ୍ୱା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ୱା ବଜ୍ରପାତ ହେବାର ସମ୍ଭାବନା ରହିଛି । ଏଥିପାଇଁ ୧୩



ଟି ଜିଲ୍ଲାକୁ ୟେଲୋଓ୍ୱାର୍ଣ୍ଣି ଜାରି କରିଛି ପାଣିପାଗ ବିଭାଗ । ଏହି ଜିଲ୍ଲା ଗୁଡିକ ହେଲା ନବରଙ୍ଗପୁର, ରାୟଗଡା, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ନୂଆପଡା, ବଲାଙ୍ଗୀର, ଢ଼େଙ୍କାନାଳ, ବାଲେଶ୍ୱର ଓ ଭଦ୍ରକ । ସେହିପରି ୯ ତାରିଖ ମଧାହ୍ନ ସୁଦ୍ଧା ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ରାୟଗଡା, କନ୍ଧମାଳ, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ କିମ୍ୱା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ୟେଲୋ ଓ୍ୱାର୍ଣ୍ଣି ଜାରି ହୋଇଛି । ୧୦ ତାରିଖ ମଧାହ୍ନ ସୁଦ୍ଧା ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ▶▶ପୃଷ୍ଠା ୭

## ପର୍ଯ୍ୟଟନ ମନ୍ତ୍ରୀଙ୍କୁ କରୋନା



ଭୁବନେଶ୍ୱର, ୦୭ ସେପ୍ଟେମ୍ବର - ରାଜ୍ୟରେ ଆଉ ଜଣେ ମନ୍ତ୍ରୀ କରୋନା ଆକ୍ରାନ୍ତ ହୋଇଛନ୍ତି । ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୋମବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏନେଇ ସେ ନିଜେ ଟୁଇଟ କରି ସୂଚନା ଦେଇଛନ୍ତି । ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ସଂଗରୋଧରେ ରହିବାକୁ ପରାମର୍ଶ ଦେଇଛନ୍ତି । ସେ ଟୁଇଟରରେ ଉଲ୍ଲେଖ କରିଛନ୍ତି ଯେ ମାର୍ଚ୍ଚ ମଧ୍ୟଭାଗରୁ ସର୍ବସାଧାରଣ ଏବଂ ସରକାରୀ କାର୍ଯ୍ୟ କରିଚାଲିଛି । ଗୋଟିଏ ଦିନ ମଧ୍ୟ ବାଦ୍ ପଡିନାହିଁ । ମୁଖ୍ୟମନ୍ତ୍ରୀଙ୍କ ଇଛା ଅନୁଯାୟୀ ଏହି ମହାମାରୀ ସମୟରେ କଠିନକାମ କରିଛୁ । ଶେଷରେ କୋଭିଡ୍ -୧୯ ମୋତେ କବଳିତ କରିଛି । ଗତ ୭ ଦିନରେ ମୋର ଯୋଗାଯୋଗରେ କେହି ଆସିଥିଲେ ଦୟାକରି ସଂଗରୋଧରେ ରୁହନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବରୁ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, କୃଷି ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ମହିଳାବିରୋଧୀ ସାଂସଦଙ୍କୁ ବିଜେଡିରୁ ବହିଷ୍କାର କରନ୍ତୁ ମୁଖ୍ୟମନ୍ତ୍ରୀ : ମହିଳା ମୋର୍ଚ୍ଚା

## ନଚେତ୍ ମହିଳା ମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ

ଭୁବନେଶ୍ୱର,୭।୯ (ନି.ପ୍ର): ମହିଳାବିରୋଧୀ ଓ ଅତ୍ୟାଚାରୀମାନେ କେବେହେଲେ ସାଂସଦ ଭଳି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦ ପଦବୀରେ ରହିବା ଅନୁଚିତ୍ । ଯଦି ଏଭଳି କାର୍ଯ୍ୟରେ ସଂପୃକ୍ତ ଥାଆନ୍ତି କିମ୍ୱା ଅଭିଯୋଗ ଆସେ, ତାହେଲେ ସେ ତୁରନ୍ତ ନିଜ ସାମ୍ବିଧାନିକ ପଦରୁ ଇସ୍ତଫା ଦେବା ଉଚିତ୍ । ନହେଲେ ସମାଜକୁ ଏକ ଭୁଲ୍ ସମ୍ବାଦ ଯିବ । ନୈତିକତା ଓ ମାନବିକତା ଦୃଷ୍ଟିରୁ ଏବଂ ପଦମର୍ଯ୍ୟାଦା ହରାଇଥିବା ସାଂସଦ ଅନୁଭବ ମହାନ୍ତି ତୁରନ୍ତ ନିଜ ସାମ୍ବିଧାନିକ ପଦରୁ ଇସ୍ତଫା ଦିଅନ୍ତୁ । ନିଜ ଦଳର ଜଣେ ମହିଳାବିରୋଧୀ ସାଂସଦଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କ ଦଳରୁ ବହିଷ୍କାର କରନ୍ତୁ । ନଚେତ୍ ଏହା ବିରୋଧରେ ମହିଳାମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କାହାର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରିବା ଆଦୌ ଉଚିତ୍ ନୁହେଁ । ମାତ୍ର ଯେତେବେଳେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏଭଳି କିଛି ମହିଳା



ହିଂସାରେ ଲିପ୍ତ ଥିବା ଘଟଣା ଲୋକଲୋଚନକୁ ଆସିବ ସେତେବେଳେ ମହିଳା ସୁରକ୍ଷା ଦୃଷ୍ଟିରୁ ଏହାକୁ ମହିଳା ମୋର୍ଚ୍ଚା ତରଫରୁ ପ୍ରତିବାଦ କରିବା ଆମର ପ୍ରାଥମିକ ଦାୟିତ୍ୱ । ଓଡିଶାର ଜଣାଶୁଣା ଓ ପ୍ରସିଦ୍ଧ ଚଳଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପତି କେନ୍ଦ୍ରାପଡା ସାଂସଦ ଶ୍ରୀ ଅନୁଭବ ମହାନ୍ତି ▶▶ପୃଷ୍ଠା ୭

## ଦୁର୍ଘଟଣାରେ ଆମ୍ବୁଲାନ୍ସ ଚୁରମାର: ଡ୍ରାଇଭର ସମେତ ୩ ଆହତ

ଭୁବନେଶ୍ୱର,୭।୯ (ନି.ପ୍ର): କଟକରୁ ଫେରୁଥିବା ଏକ ଆମ୍ବୁଲାନ୍ସ ଦୁର୍ଘଟଣା ଘଟାଇ ଚୁରମାର ହୋଇଯାଇଥିବା ଜଣା ପଡିଛି । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭର ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଂଚଳରେ ଏହି ଦୁର୍ଘଟଣା ଘଟିଛି । ମିଳିଥିବା ସୂଚନା ଅନୁସାରେ ଏହି ଆମ୍ବୁଲାନ୍ସଟି କଟକ-ଚାନ୍ଦବାଲି ରାସ୍ତାର ଆଳି ଡାକବଙ୍ଗଳା ଛକରେ ଭାରସାମ୍ୟ ହରାଇ ରାସ୍ତା ଉପରୁ ୫ ଫୁଟ ତଳକୁ ଖସି ଯାଇଥିଲା । ଫଳରେ ଦ୍ରୁତଗାମୀ ଆମ୍ବୁଲାନ୍ସଟି ପଲଟିବା ପରେ ଚୁରମାର ହୋଇଯାଇଛି ।

## ପୂର୍ବତନ ରାଜ୍ୟସଭା ସାଂସଦ ନରେନ୍ଦ୍ର ସ୍ୱାଇଁଙ୍କ ପରଲୋକ

ଭୁବନେଶ୍ୱର,୭।୯ (ନି.ପ୍ର): ବରିଷ୍ଠ ରାଜନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ନରେନ୍ଦ୍ର ସ୍ୱାଇଁଙ୍କର ସୋମବାର ଦିନ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ନିଧନ ହୋଇଛି । ନରେନ୍ଦ୍ର ସ୍ୱାଇଁଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ,କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି । ସ୍ୱର୍ଗତ ସ୍ୱାଇଁଙ୍କ ସମ୍ମାନାର୍ଥେ ଆଜି ସଂଧ୍ୟା ୫ ଟାରେ ବିଜେଡ଼ି ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଶୋକସଭାର ▶▶ପୃଷ୍ଠା ୭

# ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କୁ 'ଓ୍ୱାଇ' ବର୍ଗର ସୁରକ୍ଷା ମିଳିବ

ନୂଆଦିଲ୍ଲୀ,୭।୯ (ନି.ପ୍ର): ଶିବସେନା ସାଂସଦ ସଂଜୟ ରାଉତଙ୍କ ଧମକ ପରେ ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କୁ 'ଓ୍ୱାଇ' ବର୍ଗର ସୁରକ୍ଷା ପ୍ରଦାନ କରା ଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂତ୍ରରୁ ଏହି ସୂଚନା ମିଳିଛି । ଉଲ୍ଲେଖନୀୟ ଯେ କିଛି ଦିନ ତଳେ ସଞ୍ଜୟ ରାଉତ କଙ୍ଗନାଙ୍କୁ ମୁମ୍ବାଇ ନ ଆସିବାକୁ ପରାମର୍ଶ ଦେଇଥିଲେ । ଧମକ ପାଇ କଙ୍ଗନା କାହା ଧମକକୁ ନ ଡ଼ରି ମୁମ୍ବାଇ ଆସିବାକୁ ନିଷ୍ପତି ନେଇଥିଲେ । ମିଳିଥିବା ସୂଚନା ଅନୁସାରେ ତାଙ୍କ ସୁରକ୍ଷା ପାଇଁ ୧୧ଜଣ ଯବାନ ନିୟୋଜିତ ହେବେ । ସେଥିରେ ଗୋଟିଏ କିମ୍ବା ଦୁଇଟି କମାଣ୍ଡୋ ଏବଂ ବାକି ପୁଲିସ ଅଧିକାରୀ ରହିବେ । ଏହାର ବିଜ୍ଞପ୍ତି କିଛି ସମୟ ମଧରେ ପ୍ରକାଶ ପାଇପାରେ ବୋଲି ଜଣା ପଡ଼ିଛି । ଏହି ସୁରକ୍ଷା ପାଇବା ପରେ କଙ୍ଗନା ରାଣାଓ୍ୱତ କହିଛନ୍ତି ଯେ, ଏବେ କେହି ଜଣେ ଦେଶପ୍ରେମୀର ସ୍ୱରକୁ ଚପାଇବାକୁ ପାରିବେ ନାହିଁ,ଯାହା କେନ୍ଦ୍ର ସରକାରଙ୍କ ଏହି ନିଷ୍ପତିରୁ ସ୍ପଷ୍ଟ ହୋଇଛି । ମୁଁ ଅମିତ ଶାହା ଜୀଙ୍କୁ ଧନ୍ୟବାଦ ଜଣାଉଛି , ସେ ଚାହିଁଥିଲେ ମୋତେ କିଛି ଦିନ ପରେ ମୁମ୍ବାଇ ଆସିବା ପାଇଁ ପରାମର୍ଶ ଦେଇଥାନ୍ତେ, କିନ୍ତୁ ସେ ଭାରତର ଏକ ଝିଅ କହିଥିବା କଥାର ସମ୍ମାନ ରଖିଛନ୍ତି । ଆମର ସ୍ୱାଭିମାନ ଏବଂ ଆତ୍ମସମ୍ମାନକୁ ବଂଚାଇଛନ୍ତି ।



# ଧାମରାରେ ଏଚଏସଟିଡିଭି ମିସାଇଲର ପରୀକ୍ଷଣ



ଭଦ୍ରକ,୭।୯ (ନି.ପ୍ର): ଧାମରା ନିକଟସ୍ଥ କଲାମ ଘାଟିର ଲଂଚ ପ୍ୟାଡରୁ ଆଜି ଏଚ ଏସ ଟି ଡି ଭି (ହାଇପରସୋନିକ ଟେକନୋଲୋଜି ଡେମୋନଷ୍ଟ୍ରେଟର ଭେଇକିଲ) ମିସାଇଲର ପରୀକ୍ଷଣ ହୋଇ ଯାଇଛି । ଆଜିର ଏହି ପରୀକ୍ଷଣ ସମୟରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ବହୁ ବରିଷ୍ଠ ବୈଜ୍ଞାନିକ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଦିନ ୧୧.୦୨ ମିନଟ ସମୟରେ ଏହି ମିସାଇଲର ପରୀକ୍ଷଣ କରାଯାଇଥିଲା । ଏହି ମିସାଇଲ ୩୨.୫ କି.ମି ଅତିକ୍ରମ କରିବାର କ୍ଷମତା ବହନ କରିଥିବା ବେଳେ ଏହି ସୁପରସୋନିକ ମିସାଇଲ ର ଟେକନୋଲଜି ସ୍ୱତନ୍ତ୍ର ଭାବରେ ନିର୍ମିତ । ଏହି ମିସାଇଲର ଗତିବିଧି କୌଣସି ଶତ୍ରୁପକ୍ଷର ରାଡର ମଧ୍ୟକୁ ଆସିବା ବେଳେ ଏହି ମିସାଇଲର ପ୍ରଥମ ଭାଗ ସ୍ୱତପ୍ରୋତ ଭାବରେ ସମୁଦ୍ର କିମ୍ୱା ସ୍ଥଳ ଭାଗରେ ଖସିପଡିଥାଏ ଫଳରେ ଶତ୍ରୁପକ୍ଷର ରାଡାର ଏହି ମିସାଇଲଟି ନିଷ୍କ୍ରିୟ ହୋଇଗଲା ବୋଲି ଧରିନେଇଥାଏ ।ମାତ୍ର ପ୍ରଥମ ଭାଗ ଖସି ପଡିବା ପରେ ଏହାର ଦ୍ୱିତୀୟ ଭାଗ ରୁ ଏହାର ଗତିବିଧି ପୁନଶ୍ଚ ନିଜର ରାଡାର ଦ୍ୱାରା ନିୟନ୍ତ୍ରୀତ ହୋଇ ଭାଗ ଭାଗରେ ବିଭକ୍ତ ହୋଇ ନିଜର ଲକ୍ଷ୍ୟ ସ୍ଥଳରେ ପହଂଚିଥାଏ ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରୁ ଜଣାଯାଇଛି । ୨୦୦୮ ମସିହାରେ ଏହି ହାଇପରସୋନିକ ଟେକନୋଲଜି ଡେମୋନଷ୍ଟ୍ରଟର ଭେଇକିଲ ବୈଜ୍ଞାନିକ ଭିକେ ସାରସ୍ୱତଙ୍କ ତତ୍ୱାବଧାନରେ ଉନ୍ନତ ମାନର ନିର୍ମାଣ କରାଯାଇଥିଲା ।ଏହି ମିସାଇଲର ନିର୍ମାଣ କେବଳ ପ୍ରତିରକ୍ଷା ସମ୍ପର୍କିୟ ହୋଇନ ଥିବା ବେଳେ ଏହା ସାହାଯ୍ୟରେ ବିଭିନ୍ନ ଉପଗ୍ରହ ଗୁଡିକୁ କମ ଖର୍ଚ୍ଚରେ ମହକାଶକୁ ପଠାଯାଇ ପାରିବ ବୋଲି ସ୍ଥିରୀକୃତ ହୋଇଥିଲା । ଇସ୍ରାଏଲ,ୟୁକେ,ରୁଷିଆ ସହାୟତାରେ ଏହି ମିସାଇଲର ନିର୍ମାଣ କରାଯାଇଛି । ୧୦ ବିଲିୟନ ଅର୍ଥରେ ନିର୍ମିତ ୧ଟନ ଓଜନ ବିଶିଷ୍ଟ ଏହି ମିସାଇଲର ଲମ୍ୱ ୧୮ ଫୁଟ । ୨୦୧୦ ମସିହାରେ ଏହି ମିସାଇଲର ପ୍ରଥମ ପରୀକ୍ଷଣ ହୋଇଥିବା ବେଳେ ୨୦୧୬ ରେ ଏହାର ଦ୍ୱିତୀୟ ପରୀକ୍ଷଣ ହେବ ବୋଲି ସ୍ଥିରୀକୃତ ହୋଇଥିଲା । ଅବଦୁଲ କଲାମ ଦ୍ୱୀପରୁ ଏହାର ପ୍ରଥମ ପରୀକ୍ଷଣ ଜୁନ ୨୦୧୯ ମସିହାରେ ହୋଇଥିବା ବେଳେ ଏହାର ଦ୍ୱିତୀୟ ସଂସ୍କରଣ ଆଜି ଅବଦୁଲ କଲାମ ଦ୍ୱୀପର ୪ନଂ ଲଂଚ ପ୍ୟାଡରୁ ଦିନ ୧୧.୦୨ରେ ଏହାର ପରୀକ୍ଷଣ ହୋଇଯାଇଛି ।

## ପୂର୍ବତନ ସାଂସଦ ନରେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର,୭।୯ (ନି.ପ୍ର): ବରିଷ୍ଠ ରାଜନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ନରେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ବରିଷ୍ଠ ରାଜନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ନରେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ ଓ ଦୁଃଖିତ । ଦୀର୍ଘ ଦିନ ଧରି ସେ ସାମାଜିକ ଓ ରାଜନୈତିକ ଜୀବନ ସହ ଜଡ଼ିତ ଥିଲେ । ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କରୁଛି ।

# ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୫୫୬ ହେଲା

ଭୁବନେଶ୍ୱର,୭।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୫୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାର ୩ ଜଣ ରହିଥିବା ବେଳେ ଖୋର୍ଦ୍ଧା, କଟକ, ବାଲେଶ୍ୱର, କଳାହାଣ୍ଡି କୋରାପୁଟ, ରାୟଗଡା ଓ ନୟାଗଡ ଜିଲ୍ଲାର ଜଣେ – ଜଣ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୫୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୭୦ ବର୍ଷୀୟା କରୋନା ସଂକ୍ରମିତ ମହିଳାଙ୍କର ମୃତ୍ୟୁ ଘଟିଛି । ସେ ବ୍ରେନ ଟ୍ୟୁମର ରୋଗରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଗଂଜାମ ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ▶▶ପୃଷ୍ଠା ୭

# ଏସ୍ ଟିଭି ପକ୍ଷରୁ ଜନମଂଚ : ସାମ୍ବାଦିକଙ୍କ ସୁରକ୍ଷା ଓ ସମସ୍ୟା ଆଲୋଚନା



ଜଳେଶ୍ୱର,୭।୯ (ନି.ପ୍ର): ସମ୍ପ୍ରତି ସମାଜରେ ୪ର୍ଥ ସ୍ତମ୍ଭ ଭାବେ ପରିଗଣିତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ସମସ୍ୟା ଓ ସୁରକ୍ଷା ସଂପର୍କରେ ଆଜି ପୂର୍ବାହ୍ନରେ ଜଳେଶ୍ୱର ଇନ୍ ହୋଟେଲ ସମ୍ମିଳନୀ କକ୍ଷରେ ସାମାଜିକ ଦୂରତା ଅବଲମ୍ବନ କରି ଅନୁଷ୍ଠିତ ହୋଇ ଯାଇଛି । ଶୀର୍ଷକ ଆଲୋଚନା ଏ ଅଂଚଳରେ ପ୍ରଥମ ହୋଇଥିବାରୁ ଏ ସଂପର୍କରେ ଜାଣିବା ଲାଗି ଏକ ଉତ୍କଣ୍ଠା ପ୍ରକାଶ ପାଇଛି । ଏଥିରେ ବିଜେଡି ପକ୍ଷରୁ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ରାଜ୍ୟକାର୍ଯ୍ୟପରିଷଦ ସଦସ୍ୟ ପ୍ରତୀପ କୁମାର ପ୍ରଧାନ, ବିଜେଡି ଟାଉନ୍ ସଭାପତି ସୁରଜିତ ଘୋଷ, ବିଜେପିର ସାଂସଦ ତଥା କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ମିଡିଆ ସେଲ ସଂଯୋଜକ ସୁବ୍ରତ ଘୋଷଲ, କଂଗ୍ରେସ ପକ୍ଷରୁ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ନଗର ସଭାପତି ରିଆଜ ଖାଁ, ସିପିଏମ୍‌ରୁ ଲୋକାଲ କମିଟି ସଂପାଦକ ଦିଲ୍ଲିପ ଗିରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟପକ୍ଷରେ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ରବିନ୍ଦ୍ର ସେନାପତି, ଦୀନବନ୍ଧୁ ପ୍ରଧାନ, ଅବନୀ ଚାନ୍ଦ, ସେକ୍ ଅବଦୁଲ ରହିମ୍, ରବିନାରାୟଣ ପାତ୍ର ବକ୍ତବ୍ୟ ରଖିଥିଲେ । ସାମ୍ପ୍ରତିକ ସମାଜରେ ସାମ୍ବାଦିକ ମାନଙ୍କର ସୁରକ୍ଷା ନଥିବା ଓ ରାଜନୈତିକ ତଥା ପ୍ରଶାସନୀକ ସ୍ତରରେ ସାମ୍ବାଦିକ ମାନଙ୍କୁ ସହଯୋଗ ନ କରିବା କିମ୍ବା ସ୍ୱାଧିନତା ପରଠାରୁ ବିଭିନ୍ନ ସମୟରେ କୌଣସି ସରକାର ସାମ୍ବାଦିକଙ୍କ ସୁରକ୍ଷା ଓ ସମସ୍ୟା ପ୍ରତି ଧ୍ୟାନ ଦେଇନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ରାଜନୈତିକ ଦଳ ଏପରିଏକ ସମବେଦନଶୀଳ ଘଟଣାରେ ସରକାରଙ୍କ ଉପରେ ଚାପ ସୃଷ୍ଟିଲାଗି ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରାଯାଇଥିଲା ।ଏସ୍‌ଟିଭିର ମୁଖ୍ୟ ଅରୁଣ ଜେନା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସାମ୍ବାଦିକ ସୁକୁମାର ରଣା ସଂଚାଳନା କରିଥିଲେ ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୁରୀ ନଗର ଶାଖା ପକ୍ଷରୁ ସ୍ମାରକ ପତ୍ର

ପୁରୀ,୭/୯-ସାଂପ୍ରତିକ କରୋନା ମହାମାରୀ ସମୟରେ ବିଦ୍ୟାର୍ଥୀ ମାନଙ୍କର ଅର୍ଥିକ ଓ ସାମାଜିକ ସମସ୍ୟା ସହିତ ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥା କୁ ନେଇ ଅପରିପକ୍ୱ ନିଷ୍ପତି ବିଦ୍ୟାର୍ଥୀ ଙ୍କ ଭବିଷ୍ୟତ କୁ ଅନ୍ଧାର ଘେରକୁ ନେଇଯାଉଛି । ଏଥିସହ ପୁରୀରେ ପର୍ଯ୍ୟଟନ କ୍ଷେତ୍ର ନାଁ ରେ ଯେଉଁ ବିକାଶ ଓ ସୌନ୍ଦର୍ଯ୍ୟକରଣ କରାଯାଉଛି ସେଥିରେ ଆମର ଶାସନ ଓ ପ୍ରଶାସନ ଶ୍ରୀକ୍ଷେତ୍ର ର ପବିତ୍ର ଧାର୍ମିକ ବାତାବରଣ ଓ ସଂସ୍କୃତି ପରମ୍ପରା ଓ ଐତିହ୍ୟ କୁ ସଡଯନ୍ତ୍ର ପୂର୍ବକ ଅଣଦେଖା କରାଯାଉଛି । ଏଭଳି ୬ ଦଫା ଦାବି ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୁରୀ ନଗର ଶାଖା ପକ୍ଷରୁ ମହାମହିମ ରାଜ୍ୟପାଳ ଙ୍କ ନିକଟକୁ ଜିଲାପାଳ ଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ।

# ବୋମା ତିଆରି ବେଳେ ବିସ୍ଫୋରଣ : ଦୁଇ ମୃତ

ଦେବଗଡ,୭।୯ (ନି.ପ୍ର): ବୋମା ତିଆରି ବେଳେ ବିସ୍ଫୋରଣ ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଦେବଗଡ଼ ଥାନା କଲାଂଟିଚିଲାଣ୍ଡିଖୋଳ ଗାଁରେ ଘଟିଯାଇଛି ଏଭଳି ଏକ ବିସ୍ଫୋରଣ । ମୃତକ ଦ୍ୱୟଙ୍କ ଘର ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ କନସର ଗ୍ରାମରେ । ସେମାନେ କଲାଂଟିଚିଲାଣ୍ଡିଖୋଳ ଗାଁରେ ଥିବା ନିଜ ସମ୍ପର୍କିଙ୍କ ଘରକୁ ଆସି ବୋମା ପ୍ରସ୍ତୁତ କରୁଥିବା ବେଳେ କୌଣସି କାରଣରୁ ତାହା ହଠାତ୍ ବିସ୍ଫୋରଣ ହୋଇଥିଲା । ଜନ୍ତୁ ଶିକାର ପାଇଁ ବୋମା ପ୍ରସ୍ତୁତ କରୁଥିବା ବେଳେ ଏହି ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବିସ୍ଫୋରଣ ସମ୍ପର୍କରେ ଖବର ପାଇ ସଦର ଏସଡ଼ିପିଓଙ୍କ ନେତୃତ୍ୱରେ ପୋଲିସ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛନ୍ତି । କିପରି ଓ କେଉଁ ପରିସ୍ଥିତିରେ ବିସ୍ଫୋରଣ ଘଟିଲା । ବୋମା ତିଆରିରେ କ'ଣ ସାମଗ୍ରୀ ବ୍ୟବହାର କରାଯାଇଥିଲା ଏବଂ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରାଯାଇଛି ।

# କୈବର୍ତ୍ତ ଭବନ ଉଦଘାଟିତ

ଭଦ୍ରକ, ୦୭/୯ (ହି.ସ.) – ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ନିକଟରେ ନିଖିଳ ଓଡିଶା କୈବର୍ତ୍ତ ସହାସଭା ଭଦ୍ରକ ଶାଖାର ନୂତନ କାର୍ଯ୍ୟାଳୟକୁ ରବିବାର ରାଜ୍ୟ କ୍ରୀଡା, ଯୁବବ୍ୟାପାର ଓ ପ୍ରଯୁକ୍ତିବିଜ୍ଞାନ ମନ୍ତ୍ରୀ ତୁଷାରକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ 'କୈବର୍ତ୍ତ ଭବନ' ଉଦଘାଟନ କରିଥିଲେ । ଏଥିନେଇ ମହାସଭାର ଭଦ୍ରକ ଶାଖା ସଭାପତି ପଦ୍ମଲୋଚନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ବେହେରା, ମହାସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା ମୁଖ୍ୟବକ୍ତା, ସହରାଂଚଳ ଓ ଗୃହନିର୍ମାଣ ରାଜ୍ୟ ନିର୍ଦ୍ଦେଶକ ସୁରେଶ କୁମାର ଦଳାଇ, ଚଣ୍ଡିଖୋଲ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା, ଭୁବନେଶ୍ୱର ମାନ ନିରୀକ୍ଷଣ ନିର୍ଦ୍ଦେଶକ ବ୍ରଜକିଶୋର ପରିଡା, ବାଲୁଗାଁ ଜିଲ୍ଲା ମତ୍ସ୍ୟଅଧିକାରୀ କ୍ଷେତ୍ରବାସୀ ବେହେରା, ଭଦ୍ରକ ଜିଲ୍ଲା ବି ଅଧିକାରୀ କାଶୀନାଥ ମାଝୀ, ଚିଲିକା କୈବର୍ତ୍ତ ଯୁବମ ସଭାପତି ଦିଲ୍ଲିପ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ସମାଜର ସଙ୍ଗଠନ, ବହୁବିଧ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଭଦ୍ରକ ଜିଲ୍ଲା ସମ୍ପାଦକ ରମେଶ ଚନ୍ଦ୍ର ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଯାଜପୁର ଜିଲ୍ଲା କୈବର୍ତ୍ତ ସଭାର ବରିଷ୍ଠ ଉପଦେଷ୍ଟା ବ୍ରଜକିଶୋର ତରାଇ, ମହିଳା ସେଲ ଆବାହକ ରୁକ୍ମିଣୀ ଦାସ, ଉପସଭାପତି ଦୁର୍ଯ୍ୟୋଧନ ତରାଇ, ଯାଜପୁର ଜିଲ୍ଲା କୈବର୍ତ୍ତ ସଭା ସଭାପତି ଜଗନ୍ନାଥ ମାଝି, ଶିବପ୍ରସାଦ ପରିଡା ପ୍ରମୁଖ ଯୋଗଦେଇଥିଲେ ।

## ଧସିଥିବା ଗେଙ୍ଗୁଟି ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ଭଦ୍ରକ, ୦୭/୯ (ହି.ସ.) – ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷା ଓ ନଦୀରୁ ବନ୍ୟାଜଳ ହ୍ରାସ ପାଇବା ପରେ ଗେଙ୍ଗୁଟି ନଦୀବନ୍ଧରୁ ୫ ଥର ମାଟି ଧସିଛି । ଗେଙ୍ଗୁଟି ନଦୀବନ୍ଧର ଦଳାଙ୍ଗ ପଂଚାୟତ ରାମେଶ୍ୱରପୁରସ୍ଥିତ ମହାନ୍ତିସାହି, ମଳିକସାହି, ତିଆଡିସାହି ନିକଟରେ ବାରମ୍ବାର ନଦୀବନ୍ଧରୁ ମାଟି ଧସୁଛି । ଫଳରେ ସ୍ଥାନୀୟ ଲୋକ ବନ୍ୟା ସମୟରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ସ୍ଥାନୀୟ ବିଧାୟକ ବିଷ୍ଣୁ ସେଠୀ ଧସିଥିବା ନଦୀବନ୍ଧ ସ୍ଥାନକୁ ପରିଦର୍ଶନ କରିଛନ୍ତି । ଏଥିସହ ଧାମନଗର ଜଳସେଚନ ବିଭାଗର ଅଧିକାରୀଙ୍କ ସହିତ ବନ୍ଧରେ ଧସିଥିବା ମାଟି ସମ୍ପର୍କରେ ଆଲୋଚନା କରିବା ସହିତ ତୁରନ୍ତ ସ୍ଥାୟୀ ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକଙ୍କ ସହିତ ବିଜେପି ଦଳର ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣ, ଜିଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ, ମଣ୍ଡଳ ସଭାପତି ଅରବିନ୍ଦ ପତି, ମିଡିଆ ସେଲର ବୈକୁଣ୍ଠନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇଏଏସ୍ ହେବାର ଲକ୍ଷ ରଖିଛି- ରଷିପ୍ରିୟା

ବାରିପଦା,୭।୯ (ନି.ପ୍ର): ସେପ୍ଟେମ୍ବର ୫ ଅପରାହ୍ନରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ଶିକ୍ଷା ବର୍ଷ -୨୦୨୦ର +୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏଥିରେ ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିୟର ହାୟାର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଅର୍ପିତା ରଷିପ୍ରିୟା ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରୁ ୬ ଶହ ନମ୍ବରରୁ ୮୫ ପ୍ରତିଶତ ହାରରେ ସର୍ବାଧିକ ୫୧୦ ନମ୍ବର ରଖିଛନ୍ତି ବୋଲି ଅନୁଷ୍ଠାନର ଅଧ୍ୟକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି । ପରମାନନ୍ଦ ସାହୁଆଳ ଏବଂ ସରିତା ପଟ୍ଟନାୟକଙ୍କ କନ୍ୟା ଅର୍ପିତା ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବିଏସଇ ଢ଼ାଂଚାରେ ପାଠପଢ଼ି ଥିଲେ । ମାତ୍ର ସେ କଳା ପ୍ରତି ବିଶେଷ ରୁଚି ରଖିଥିବାରୁ ସ୍ଥାନୀୟ ଏମପିସି ଜୁନିୟର ହାୟାର ସେକେଣ୍ଡାରୀ ସ୍କୁଲରେ +୨ କଳା ବିଭାଗରେ ଅଧ୍ୟୟନ କରିଥିଲେ । କିନ୍ତୁ ଚଳିତ ପରୀକ୍ଷାରେ ରଖିଥିବା ନମ୍ବରକୁ ନେଇ ଖୁସି ନ ଥିବାର ପ୍ରକାଶ କରିଛନ୍ତି । କରୋନା ମହାମାରୀ କାରଣରୁ ଭୂଗୋଳ ଓ ଅର୍ଥନୀତି ବିଷୟରେ ପରୀକ୍ଷା ହୋଇନଥିଲା । ଯାହାଫଳରେ ଆଶାନୁରୂପ ମାର୍କ ରଖିପାରି ନଥିଲେ । ତଥାପି ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିବେ ବୋଲି ଆଶା କରିଥିଲେ । ତାଙ୍କର ଏହି ସଫଳତା ନିମନ୍ତେ ପିତାମାତା ସହ ଶିକ୍ଷା ଅନୁଷ୍ଠାନର ସମସ୍ତ ଶିକ୍ଷକମାନଙ୍କୁ ଶ୍ରେୟ ପ୍ରଦାନ କରିବା ସାଙ୍ଗକୁ ଭବିଷ୍ୟତରେ ଆଇଏଏସ୍ ଅଧିକାରୀ ହେବାର ଲକ୍ଷ ରଖିଛନ୍ତି ବୋଲି କହିଥିଲେ ।

# ସମ୍ଭାବନାକୁ ଚାରିଆଡୁ ଶୁଭେଚ୍ଛାର ସୁଅ

କୋରେଇ,୭।୯ (ନି.ପ୍ର): ପାଣିକୋଇଲି ମା ତାରିଣୀ କଲେଜର ସମ୍ଭାବନା ସାହୁ ସାରା ରାଜ୍ୟରେ ଟପର ହେବାର ଯୋଗ୍ୟତା ଅର୍ଜନ କରିଛନ୍ତି । ଏହା ପରେ ସମ୍ଭାବନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ଆଜି କୋରାଇ ମଣ୍ଡଳ ସାହିତ୍ୟ ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ଡା. ପଣ୍ଡିତ ସୂର୍ଯ୍ୟମଣି ଖୁଂଟିଆଙ୍କ ନେତୃତ୍ୱରେ ଉପଦେଷ୍ଟା ସୁବାସ ଧଳ, ସାଂସ୍କୃତିକ ସମ୍ପାଦକ ବ୍ୟଙ୍ଗକବି ବାଇଧର ମାଝୀ , ଅକ୍ଷୟ କୁମାର ବାରିକ, ତାରଣୀ ପଟ୍ଟନାୟକ ପ୍ରମୁଖ ସମ୍ଭାବନାର ଘରେ ପହଂଚି ତାକୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସମ୍ମାନୀତ କରିବା ସହ ଶୁଭେଚ୍ଛା ଜଣାଇ ତାର ଉତୋରତର କାମନା କରିଥିଲେ । । ସେହିପରି ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥି ପକ୍ଷରୁ ମଧ୍ୟ ସମ୍ଭାବନାକୁ ଶୁଭେଚ୍ଛା ଜଣାଯାଇଛି । ମନମୋହନ ବାରିକ, ଅଶୋକ ବାରିକ, ସୁଧାଶଙ୍କର ବିଶ୍ୱାଳ, ସିଦ୍ଧାନ୍ତ ଧଳ, ସମ୍ଭବ ସାହୁ ପ୍ରମୁଖ ତାଙ୍କ ବାସ ଗୃହରେ ପହଂଚି ଶୁଭେଚ୍ଛା ଜଣାଇ ଥିଲେ । ସେହିପରି କୋରାଇ ବିଜେପି ପକ୍ଷରୁ ବରୁଣ୍ଡାଇ ସମିତି ସଭ୍ୟା ଜୟନ୍ତୀ ସାହୁ, ତୁଳତୀ ସରପଂଚ ଦିପ୍ତୀମୟୀ କୁଅଁର, ବିକ୍ରମ ବିଶ୍ୱାଳ, ପ୍ରମୋଦ ନାୟକ, ଶଶିଭୂଷଣ ସେନାପତି, ପ୍ରମୋଦ କୁମାର ମହାପାତ୍ର, କରୁଣାକର ମାଝୀ, କୋରାଇ କଂଗ୍ରେସ ପକ୍ଷରୁ ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବନ୍ଦିତା ପରହିଡା, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ଶ୍ରମିକ ଯୁବ ନେତା ଚନ୍ଦ୍ରକାନ୍ତ ଖଣ୍ଡାଇ ପ୍ରମୁଖ ପହଂଚି ସମ୍ବର୍ଦ୍ଧିତ କରିଥିଲେ । ଏଥି ସହିତ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ବାର୍ତା ସମ୍ଭବନା ନିକଟରେ ପହଂଚିଛି । କେବଳ ପରିବାର ନୁହେଁ ପାଣିକୋଇଲି ଅଂଚଳ ପାଇଁ ପାଇଁ ସମ୍ଭାବନା ଏକ ଉଦାହରଣ ପାଲଟିଛନ୍ତି ।

# କରୋନାକୁ ପରାସ୍ତ ଦେଇ ସୁସ୍ଥ ହେଲେ ୭୫ ବର୍ଷୀୟ ବୃଦ୍ଧା

ମାଲକାନଗିର,୭।୯ (ନି.ପ୍ର): କରୋନାରେ ଆକ୍ରାନ୍ତ ହୋଇ ଯେଉଁଠି ଅଳ୍ପ ବୟସର ଶିଶୁ ଙ୍କଠାରୁ ଆରମ୍ଭ କରି ଲୋକ ମାନେ ମତ୍ୟୁ ବରଣ କରୁଛନ୍ତି ସେଠାରେ ଜଣେ ପକ୍ଷାଘାତ ଓ ଉଚ ରକ୍ତଚାପରେ ପୀଡିତ ୭୫ବର୍ଷୀୟବୃଦ୍ଧା କରୋନାକୁ ମାତ ଦେଇ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି ! ମାଲକାନଗିରି ସାମବାୟାଗୁଡାର ସୁଶାନ୍ତ ପଣ୍ଡାଙ୍କ ମା' ମହାଲକ୍ଷ୍ମୀ ପଡାଙ୍କୁ ବର୍ତମାନ ୭ ୫ ବର୍ଷ । ସେ ପକ୍ଷାଘାତଓ ଉଚ ରକ୍ତଚାପ ରୋଗରେ ପୀଡିତ ଥିବାରୁ ସେ ବିଛଣାରୁ ଉଠି ପାରୁନଥିଲେ । ଗୋଟିଏ ସ୍ଥାନରେ ପଡି ରହୁଥିଲେ । ଆଉ ନିକଟରେ ଜ୍ୱର ହେବାରୁ ତାଙ୍କର କୋଭିଡ ଟେଷ୍ଟ କରାଯାଇଥିଲା । ପଜେଟିଭ୍ ଆସିବା ପରେ ତାଙ୍କୁ ଗତ ୨୧ତାରିଖରେ ସ୍ଥାନୀୟ କୋଭିଡ ହସପିଟାଲରେ ଭର୍ତି କରାଯାଇଥିଲା । ସେଠାରେ ସେ ଧିରେ ଧିରେ ଗୁରୁତର ହେବାକୁ ଲାଗିଲେ । ଗୋଟିଏ ପଟେ ପକ୍ଷାପାତ ଏବଂ ଅନ୍ୟପଟେ କରୋନାରେ ଆକ୍ରାନ୍ତ, ମହାଲକ୍ଷ୍ମୀଙ୍କୁ ମୃତ୍ୟୁ ଆଡକୁ ଟାଣି ନେଉଥିଲା । ଡାକ୍ତର ମଧ ଆଶା ଛାଡି ଦେଇଥିଲେ । ତାଙ୍କୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିଲା । ଅକ୍ସିଜେନ ଦେଲେ ମଧ କାମ କରୁନଥିଲା । ଡାକ୍ତରମାନେ ମଧ କଣ କରିବେ କିଛି ଭାବି ପାରୁନଥିଲେ । ଡାକ୍ତରଙ୍କ ସବୁ ପ୍ରୟୋଗ କରିବା ପରେ ମଧ ଆଶା କ୍ଷୀଣ ରହିଥିବାରୁ ଶେଷରେ ମାଲକାନଗିରିରେ ନୂତନ ଭାବେ ଅଣାଯାଇଥିବା ଏଚଏଫଏନସି (ହାଏ ଫ୍ଲୋ ନାଜାଲ କାନ୍ୟୁଲା ) ମେସିନକୁ ମହାଲକ୍ଷ୍ମୀ ଙ୍କମୁହଁରେ ଲଗାଯାଇଥିଲା । ପ୍ରଥମେ ୬ ୦ ଲିଟର ଲେଖାଏଁ ଅକ୍ସିଜେନ ଦିଆଯାଇଥିଲା । ଏହା କାମ କଲା । ଧିରେ ଧିରେ ମହାଲକ୍ଷ୍ମୀ ସୁସ୍ଥ ହେବାକୁ ଲାଗିଲେ । ଡାକ୍ତର ମଧ ଏହି ମେସିନ ଦ୍ୱାରା ,୬ ୦,ରୁ ଧିରେ ଧିରେ ଅକ୍ସିଜେନ ପରିମାଣ କମାଇବାରେ ଲାଗିଲେ । ମହାଲକ୍ଷ୍ମୀ ଏହି ମେସିନ ବଳରେ ସଂପୂର୍ଣ୍ଣ ସୁସ୍ଥ ହୋଇଥିଲେ । ଏହାଦେଖି ଡାକ୍ତରମାନେ ମଧ ହତବାକ ହୋଇଯାଇଥିଲେ ଯେଉଁ ରୋଗୀ ମୃତ୍ୟୁ ମୁଖକୁ ଟାଣି ହୋଇ ଯାଉଥିଲା ସେହି ରୋଗୀ ଆଜି ସୁସ୍ଥ ହୋଇ କଥାବାର୍ତା ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ! ଏହାସହ ସେ ପୂର୍ବରୁ କାହାକୁ ଚିହ୍ନି ପାରୁନଥିଲେ କିମ୍ବା ବିଛଣା ରୁଉଠି ପାରୁନଥିଲେ, ହେଲେ ଏବେ ସେ ଉଠି ବସି ପାରୁଛନ୍ତି , କଥାବାର୍ତା ହୋଇପାରୁଛନ୍ତି । ଯାହାକୁ ନେଇ ଡାକ୍ତର ଏବଂ ପରିବାର ଲୋକଙ୍କ ମଧରେ ଖୁସି ର ଲହରୀ ଖେଳିଯାଇଛି !

## ଭୁବନ ସିଏଚସି ରେ ଆଜି ୩୪ ଜଣଙ୍କ ଆଂଟିଜେନ ଟେଷ୍ଟ

ଭୁବନ,୭।୯ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୩୪ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୧୫୮୫ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ଶହରେ ପହଁଚିଥିବାରୁ ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି ।

# ଗଞ୍ଜେଇ ଚୋରା ଚାଲାଣ କାରୀଙ୍କ ଆକ୍ରମଣରେ ହୋମଗାର୍ଡ ମୃତ

ମାଲକାନଗିରି,୭।୯ (ନି.ପ୍ର): ଗଞ୍ଜେଇ ଚାଲାଣ କରୁଥିବା ଦୁର୍ବୃତଙ୍କ ମାଡ଼ରେ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି ।ମାଲକାନଗିରି ଜିଲ୍ଲାରେ ଏଭଳି ଅଭାବନିୟ ଘଟଣା ଘଟିଛି । ମୃତ ହୋମଗାର୍ଡ ଜଣଙ୍କ ବାଲିମେଳା ଥାନାର ବନବାସୀ ମହାରଣା ବୋଲି ଜଣାପଡ଼ିଛି । ଗଞ୍ଜେଇ ଚାଲାଣକାରୀଙ୍କ ଆକ୍ରମଣ ପରେ ତାଙ୍କ ଗୁରୁତର ଅବସ୍ଥାରେ ମାଥିଲି ।କ୍ତରଖାନାରେ ଭର୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ ଯେ, ଗତକାଲି ବିଳମ୍ବିତ ରାତ୍ରରେ ୭୦ରୁ ଅଧିକ ଲୋକ ଭାରରେ ଗଞ୍ଜେଇ ବୋହି ଚିତ୍ରକୋଣ୍ଡାରୁ ଜଙ୍ଗଲ ରାସ୍ତା ଦେଇ ଛତିଶଗଡ଼କୁ ଯାଉଥିବା ସମ୍ପର୍କରେ ଓର୍କେଲ ଥାନା ପୋଲିସ କୌଣସି ସୂତ୍ରରୁ ସୂଚନା ପାଇବାପରେ ଏକ ଟିମ ଚୋରା ଚାଲାଣ କାରୀଙ୍କୁ ଧରିବା ପାଇଁ ବାହାରିଥିଲେ । କାଉଡିଆ ମାନେ ଅନ୍ଧାର ରାତିରେ ଜଙ୍ଗଲ ଦେଇ ଚାଲି ଚାଲି ଯାଉଥିବାରୁ ସେମାନକୁ ଧରିବା ପାଇଁ ପୋଲିସ ଟିମ ମାଥିଲି ବ୍ଲକ ଚାଉଳିମେନ୍ଦି ନିକଟରେ ଉକ୍ତ ଚାଲାଣକାରୀଙ୍କୁ ଅଟକାଇଥିଲେ । ସେତେବେଳେ ଗଞ୍ଜେଇ ଚାଲାଣକାରୀମାନେ ପୁଲିସ୍ ଉପରକୁ ଆକ୍ରମଣ କରିଥିଲେ । ଅଳ୍ପ ସଂଖ୍ୟାରେ ପୋଲିସ ଥିବା ଦେଖି କାଉଡିଆ ସାହସ ଏତେ ବଢି ଯାଇଥିଲା ଏହି ସମୟରେ ଦୁର୍ବୃତଙ୍କ ହାବୁଡ଼ରେ ହୋମଗାର୍ଡ ବନବାସୀ ମହାରଣା ପଡିଯିବାରୁ ତାଙ୍କୁ ସଙ୍ଗବଦ୍ଧ ଭାବେ ସେମାନେ ଧରିଥିବା କାଠଫାଳିଆରେ ମୁଣ୍ଡକୁ ଆକ୍ରମଣ କରିଥିଲେ । ଏହାପରେ ବନବାସୀ ମହାରଣାଙ୍କୁ ଗୁରୁତର ଅବସ୍ଥାରେ ମାଥିଲି ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ପରେ ଚିକିତ୍ସାଧିନ ଅବସ୍ଥାରେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।ଉକ୍ତ କାଉଡିଆ ମାନଙ୍କୁ ଧରିବା ପାଇଁ ମାଥିଲି ପୋଲିସ ପକ୍ଷରୁ ଅପେରସନ ଚାଲିଥିବା ଜଣାପଡିଛି । ପୋଲିସ ଙ୍କ ଆକ୍ରମଣରେ କିଛି କାଉଡିଆ ମଧ ଆହତ ହୋଇଥବା ଶୁଣାଯାଉଛି । ପ୍ରକାଶ ଥାଉକି ଏଥିପୂର୍ବରୁ ଅନେକଥର ଗଂଜେଇ ଚାଲାଣ କାରିଙ୍କ ଆକ୍ରମଣରେ ବହୁ ପୋଲିସ କର୍ମଚାରୀ ଆହତ ହୋଇଥିବା ନଜିର ରହିଛି ।

# ସାରସ୍ୱତ ସେବକ ସଂଘର ସେବା କାର୍ଯ୍ୟକ୍ରମ

ଭଦ୍ରକ, ୦୭/୯ (ହି.ସ.) – ଭଣ୍ଡାରିପୋଖରୀ ବ୍ଲକର ରହଣିଆ ପ ।ୟତ ଦେଉଳପଦି ଗ୍ରାମରେ ରବିବାର ଶ୍ରୀଶ୍ରୀ ନିଗମାନନ୍ଦଙ୍କ ପ୍ରତିଷ୍ଠିତ ଆସାମ ବଙ୍ଗୀୟ ସାରସ୍ୱତ ମଠ, କୋକିଳାମୁଖ ଅନ୍ତର୍ଗତ ସାରସ୍ୱତ ସେବକ ସଂଘ ଉତ୍କଳ ବିଭାଗ ପକ୍ଷରୁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀ "ସେବା ସହାୟତେ ଚିତ ଶୁଦ୍ଧ"କୁ ଆଧାର କରି ଭଦ୍ରକ ଜିଲ୍ଲାର ସେବକମାନେ ବନ୍ୟା ବିପନ୍ନ ଗ୍ରାମର ପ୍ରାୟ ୧୫୦ ପରିବାରକୁ ରାସନ ସାମଗ୍ରୀ ବିତରଣ କରିଥିଲେ । ଜିଲ୍ଲା ସଦସ୍ୟ ପର୍ଶୁଭାଇ, ହରିଭାଇ, ସୁଧାଭାଇ, ଦିପୁଭାଇ, ସୁଧାଂଶୁ ଭାଇ ପ୍ରମୁଖ ସେବା କାର୍ଯ୍ୟକ୍ରମକୁ ଗ୍ରାମସାବୀଙ୍କ ସହାୟତାରେ ସାମପନ କରିଥିଲେ । ଏଥିପାଇଁ ଆସାମବଙ୍ଗୀୟ ସାରସ୍ୱତ ମଠ, କୋକିଳାମୁଖ ର ପୁଜ୍ୟପାଦ ମହନ୍ତ ଶ୍ରୀମଦ ସ୍ୱାମୀ ଦିବ୍ୟାନନ୍ଦ ମହାରାଜଙ୍କ ସହାୟତା ଓ ସହାନୁଭୁତି ଦ୍ୱାରା ସେବା କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

## ଚାନ୍ଦବାଲିର ଦୁଇଟି ପଂଚାୟତର ୪୦୦ ପରିବାରଙ୍କ ନିକଟରେ ସାହାଯ୍ୟ ପହଁଚାଇଲା ଆରଏସ୍ଏସ୍

ଚାନ୍ଦବାଲି,୭।୯ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଭଦ୍ରକ ଜିଲ୍ଲା ତରଫରୁ ଚାନ୍ଦବାଲି ବ୍ଲକର ନାନ୍ଦପୁର ଓ ଓଳଗ ପଂଚାୟତର ୪୦୦ ପରିବାରକୁ ବିଭିନ୍ନ ପ୍ରକାର ଅତ୍ୟାବଶକ ସାମଗ୍ରୀ ଯୋଗାଇ ଦେଇଛନ୍ତି । ନାନ୍ଦପୁର ଓ ଓଳଗ ପଂଚାୟତର ପାଲଟପୁର, ଓଳଗ,ଭୁଇଁପୁର, କୁଟିଳାଖାଇ, ନାନ୍ଦପୁର ଆଦି ପ୍ରମୁଖ ଗାଁ ମାନଙ୍କରେ ଗୋଖାଦ୍ୟ, ପାଲ, ଚୁଡା, ଚିନି, ବିସ୍କୁଟ ବିତରଣ କରିଥିଲେ ସ୍ୱୟଂସେବକ । ସଂଘର ଭଦ୍ରକ ଜିଲ୍ଲା ପ୍ରଚାରକ ରଶ୍ମୀରଞ୍ଜନ ମହାକୁଡ,ସମାଜସେବିକା ମାନସୀ ନାୟକ, ଦିଲ୍ଲୀପ କୁମାର ରାଉତ, ଜୀତେନ୍ଦ୍ର ନାୟକ, ସତ୍ୟବ୍ରତ ନାୟକ, ସିଲଟନ୍ ପ୍ରଧାନ, ଶ୍ରୀକାନ୍ତ ମହାଳିକ, ସିଦ୍ଧାନ୍ତ ମହାଳିକ, ସୁନୀଲ ମହାଳିକ ଆଦି ବନ୍ୟାଂଚଳ ବୁଲି ଏହିସବୁ ସାମଗ୍ରୀ ବିତରଣ କରିଥିଲେ ।

## ସହରରେ ସାମାଜିକ ଦୂରତା ରହୁନଥିବା ଅଭିଯୋଗ

ପୁରୀ,୭।୯ (ନି.ପ୍ର): ସହରର ବିଭିନ୍ନ ଦୋକାନ ବଜାର ହୋଟେଲ ରେଷ୍ଟୁରାଂଟ ଲଜିଂ ଖୋଲିଯିବା ପରେ ଚଳଚଂଚଳ ହୋଇଉଠିଛି ଶ୍ରୀକ୍ଷେତ୍ର । ପୂର୍ବରୁ ମାର୍କେଟ ଆଦି ସ୍ଥାନରେ ସାମାଜିକ ଦୂରତା ଯେପରି ରହୁଥିଲା ଏବେ ତାହା ଦେଖାଯାଉ ନାହିଁ । ସାମାଜିକ ଦୂରତା ନରଖିବା ଓ ମାସ୍କ ନପିନ୍ଧିବା ଦ୍ୱାରା ସହରରେ ସଂକ୍ରମିତ ଙ୍କ ସଂଖ୍ୟା ବୃଦ୍ଧି ପାଇବା କୁ ଏଡାଇ ଦିଆଯାଇ ନପାରେ । ପୂର୍ବରୁ ଯେପରି ସହରର ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ସଚେତନତା କରାଯାଉଥିଲା ବର୍ତମାନ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉନଥିବା ଦେଖାଯାଏ । ଯଦ୍ୱାରା କିଛି ଅମାନିଆ କୋଭିଡ୍ ଆଇନ କୁ ଖୋଲା ଖୋଲି ଉଲଂଘନ କରି ବୁଲୁଥିବା ମଧ୍ୟ ଦେଖାଯାଏ । ଜିଲା ପ୍ରଶାସନ ଓ ପୌରପ୍ରଶାସନ ଏଥି ପ୍ରତି କଡା ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

## ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସୁସ୍ଥ ହାର ୭୪.୬୦ ପ୍ରତିଶତ ରହିଛି

ପୁରୀ,୭।୯ (ନି.ପ୍ର):ପୁରୀ ଜିଲାରେ ଆଜି ୧୧୭ ଟି ପଜେଟିଭ କେସ୍ ଚିହ୍ନଟ ହେବା ପରେ ଆକ୍ରାନ୍ତ ଙ୍କ ସଂଖ୍ୟା ୪୪୨୩ ରେ ପହଂଚିଚି । ଆଜି ସୁଧା ୩୩୦୦ ସୁସ୍ଥ ହୋଇ ସ୍ୱଗୃହ କୁ ଫେରିଛନ୍ତି । ବର୍ତମାନ ସୁଧା ୧୧୦୪ ଜଣ ଆକ୍ଟିଭ ବିଭିନ୍ନ ଚିକିତ୍ସାଳୟ ରେ ଚିକିତ୍ସାଧିନ ରହିଛନ୍ତି । ଜିଲାରେ ୬୪,୭୬୭ ଟି ସ୍ୱାବ ନମୁନା ସଂଗ୍ରହ କରାଯାଇଛି । ୪୫ ଟି କନଟେନମେଂଟ ଜୋନ କାର୍ଯ୍ୟକାରୀ କରୁଛି । କରୋନା ରେ ଆକ୍ରାନ୍ତ ବ୍ୟକ୍ତି ବାହାରକୁ ନଯିବା ଘରେ ଅଲଗା ରହି ଔଷଧ ଖାଆନ୍ତୁ । ମାସ୍କ ପିନ୍ଧନ୍ତୁ , ଅସୁସ୍ଥତା ଲାଗିଲେ ଡାକ୍ତର ଙ୍କ ପରାମର୍ଶ ନିଅନ୍ତୁ ବୋଲି ସରକାର ଙ୍କ ତରପରୁ ସୂଚନା ଦିଆଯାଇଛି । ପୁରୀ ପୌରାଂଚଳ ରେ ୧୫୮୦ ଜଣ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୧୬ ଟି ଆକ୍ଟିଭ କେସ୍ ଚିକିତ୍ସାଧୀନ ରହିଛି ଓ ୧୧୫୯ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି ।

# ଧୋକ୍କା ଦେଲା ପ୍ରେମିକ: ଧାମରାରୁ ନିରୁଦିଷ୍ଟ ନାବାଳିକା ବାଂଶଡା ପୋଲରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ, ଅଳ୍ପକେ ବର୍ତ୍ତିଲେ

ଭଦ୍ରକ, ୦୭/୯ (ହି.ସ.) – ଧାମରା ନିକଟସ୍ଥ ଦୋସିଙ୍ଗା ପଂଚାୟତର ଜଣେ ନାବାଳିକା ଯୁବତୀ ନିରୁଦିଷ୍ଟ ପରେ ଆତ୍ମହତ୍ୟା ଉଦ୍ୟମ କରି ଅଳ୍ପକେ ବର୍ତିଯାଇ ଛନ୍ତି ନିର୍ଶ୍ଚିନ୍ତ ମୃତ୍ୟୁମୁଖରୁ । ଘଟଣାରୁ ପ୍ରକାଶ ଦୋସିଙ୍ଗା ପଂଚାୟତର ସମିପାଟିଆ ଗ୍ରାମର ଜଣେ ଯୁବତୀ କଲେଜରେ ପାଠ ପଢୁଥିବା ସମୟରେ ପାରାଦ୍ୱୀପ ନିକଟସ୍ଥ ଜଗତସିଂପୁର ଅଂଚଳର ଜଣେ ଯୁବକକୁ ଭଲପାଉଥିଲା । କଲେଜରେ ପଢୁଥିବା ସମୟରେ ଦୋସିଙ୍ଗା ପଂଚାୟତ ଅଧିନସ୍ଥ ଜୟଦୁର୍ଗାପାଟଣା ଅଂଚଳର ଜଣେ ମହିଳା ଏହି ଭଲପାଇବା ପଛରେ ପ୍ରଚ୍ଛଦପଟର ନାୟିକା ଭାବରେ କାର୍ଯ୍ୟ କରୁଥିଲେ । ଗତ ଶୁକ୍ରବାର ଦିନ ଯୁବତୀ ନିଜ ଘରୁ ଲୁଚି ପଳାଇ ଆସି ସଂପୃକ୍ତ ମହିଳାଙ୍କ ଘରେ ଲୁଚି ରହିଥିଲେ ତେବେ ଏ ନେଇ ନାବାଳିକାର ପିତା ଧାମରା ଥାନାରେ ନିଜର ନାବାଳିକା ଝିଅ ନିରୁଦିଷ୍ଟ ବୋଲି ଲିଖିତ ଅଭିଯୋଗ କରିଥିଲେ । ପରଦିନ ସଂପୃକ୍ତ ନାବାଳିକା ଜଣକ ବାଂଶଡା ଥାନା ଅଧିନସ୍ଥ ଯଶୀପୁର ଗ୍ରାମର ଦଲାଲ ମହିଳାଙ୍କ ପୁରୁଷ ବନ୍ଧୁଙ୍କ ଘରେ ରହିଥିଲେ । ରବିବାର ଦିନ ସଂପୃକ୍ତ ଦଲାଲ ନାବାଳିକାକୁ ପାରାଦ୍ୱୀପ ପଠାଇବା ପାଇଁ ଚେଷ୍ଟା ଚଳାଇଥିବା ବେଳେ ଧାମରା ପୁଲିସର ତନାଘନା ସଂପୃକ୍ତ ଦଲାଲଙ୍କୁ ଅଡୁଆରେ ପକାଇଥିଲା ।ଗୋଟିଏ ପକ୍ଷରେ ପୁଲିସର ତନାଘନା ଅନ୍ୟ ପକ୍ଷରେ ପାରାଦ୍ୱୀପ ଅଂଚଳର ରହୁଥିବା ପ୍ରେମିକର ଅସହଯୋଗ ଉଭୟ ନାବାଳିକା ଏବଂ ଦଲାଲଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା । ଅନ୍ୟ ଉପାୟ ନପାଇ ସଂପୃକ୍ତ ପୁରୁଷ ଦଲାଲ ଜଣକ ନାବାଳିକାକୁ ନିଜ ଗ୍ରାମ ଦୋସିଙ୍ଗାକୁ ଫେରାଇ ଆଣୁଥିବା ବେଳେ ଲୋକ ଲଜ୍ଜାରୁ ବର୍ତିବା ପାଇଁ ଅନ୍ୟଉପାୟ ନପାଇ ବାଂଶଡ ରେଳ ପୋଲ ପାର ହେଉଥିବା ସମୟରେ କୁଆରିଆ ମନ୍ତେଇନଦୀ ଗର୍ଭକୁ ଡେଇଁ ପଡିଥିଲେ ନାବାଳିକା । ତେବେ ସଂଯୋଗବଶତ ସେହି ସମୟରେ ମାଛ ମାରୁଥିବା ଜାଲିଆଙ୍କ ନଜରରେ ପଡିଥିଲେ ନାବାଳିକା ଜଣକ । ନଦୀଗର୍ଭକୁ ଡେଇଁ ପାଣି ପିଇଯାଇଥିବା ନାବାଳିକାକୁ ଜାଲିଆ ମାନେ ଉଦ୍ଧାର କରି ବାଂଶଡା ଥାନାକୁ ଖବର ଦେଇଥିଲେ । ଇତି ମଧ୍ୟରେ ସୁଯୋଗ ଦେଖି ଦଲାଲ ପୁରୁଷ ଜଣକ ସେଠାରୁ ଖସି ପଳାଇଥିଲେ । ନାବାଳିକାକୁ ଉଦ୍ଧାର କରି ପ୍ରଥମେ ବାଂଶଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ପରେ ଅବସ୍ଥା ଖରାପ ହେବାରୁ ତୁରନ୍ତ ଧାମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇ ସଂପୃକ୍ତ ନାବାଳିକାକୁ ଧାମରା ଥାନାକୁ ହସ୍ତାନ୍ତରିତ କରାଯାଇଥିଲା । ନାବାଳିକାର ବୟାନ ଏବଂ ପିତାଙ୍କ ଲିଖିତ ଅଭିଯୋଗ ପରେ ଅଧିକ ତଦନ୍ତ ଜାରୀ ରହିବା ସହ ଧାମରା ଥାନାରେ ଏକ କେଶ ରୁଜୁ କରାଯାଇ ଏହି କେଶରେ କେଉଁ ମାନଙ୍କର ସଂପୃକ୍ତି ଅଛି ତାହାର ତଦନ୍ତ ଜାରୀ ରହିଛି ।

# ବାଲିପାଟଣାରେ ଯୁବ କଂଗ୍ରେସ ପକ୍ଷରୁ ରିଲିଫ ବଂଟନ

ଭୁବନେଶ୍ୱର,୭।୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଯୁବକଂଗ୍ରେସ ସଭାପତି ସ୍ୱାଗତ କର ଏବଂ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ପକ୍ଷରୁ ଆଜି ବାଲିପାଟଣା ବ୍ଲକ କଂଗ୍ରେସ ସଭାପତି ଶ୍ରୀ ବଟକୃଷ୍ଣ ରାଉତରାୟଙ୍କ ସହାୟତାରେ ବାଲିପାଟଣା ବ୍ଲକର ବେଲମରା, ଟିକିପଡ଼ା, ଇନ୍ଦ୍ରପୋସିଆଳି, ବିଲସାହି, ସାନମାଛପୁର, ଅଙ୍ଗାରପଡ଼ା ଭୋଇସାହି ପ୍ରଭୃତି ଗ୍ରାମରେ ରିଲିଫ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ରିଲିଫ ବଂଟନ କରିବା ସହିତ ବନ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ । ଏହି ପ୍ରରୀପେକ୍ଷୀରେ ଶ୍ରୀ ରାଉତରାୟ କହିଛନ୍ତି ଯେ ବାଲିପାଟଣା ବ୍ଲକର ପ୍ରାୟ ୭୦ପ୍ରତିଶତ ଚାଷଜମିର ଫସଲ ନଷ୍ଟହୋଇଯାଇଛି । ଧାନବିଲରେ ବାଲିଚରିଯିବା ସହ ପଟୁମାଡ଼ିଯିବା ଫଳରେ ଫସଲ ସଂପୂର୍ଣ୍ଣ ଉଜୁଡ଼ି ପଡ଼ିଛି । ଧନୁଆ ଓ ଅଚ୍ୟୁତପୁର କାଜ ଠାରେ ତୁରନ୍ତ ଆଡ଼ିବନ୍ଧ ନିର୍ମାଣ କରିବାକୁ ପ୍ରଭାବିତ ଲୋକେ ଦାବି କରିଛନ୍ତି । ଯାହାଫଳରେ ସବୁଦିନ ପାଇଁ ବନ୍ୟା ଦାଉରୁ ସାଧାରଣଲୋକ ରକ୍ଷାପାଇବେ । ସବୁଠାରୁ ଦୁଃଖର ବିଷୟ ଏହିକିଯେ ଆରଆଇ ଏପର୍ଯ୍ୟନ୍ତ ଲୋକମାନଙ୍କ ପାଖକୁ ଯାଇନାହାନ୍ତି । ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଖରେ ଏପର୍ଯ୍ୟନ୍ତ ସରକାରୀ ରିଲିଫ ପଂହଚିପାରି ନାହିଁ । ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସ ସଂପାଦକ ରିୟା ଜନ୍‌ସାରୀ ଯୋଗଦେଇ କହିଥିଲେ ଯେ ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ନବୀନ ସରକାର ବିଫଳ ହୋଇଛନ୍ତି । ନବୀନ ସରକାର କେବଳ ପ୍ରଚାର ସର୍ବସ୍ୱ ହୋଇଛନ୍ତି ।

## ମେଥି ଶାଗ ପରଟା

ସେଥି ସ୍ୱାସ୍ଥ୍ୟ ପାଇଁ ଯେତିକି ଗୁଣକାରୀ ଏଥିରେ ପ୍ରସ୍ତୁତ ଖାଦ୍ୟ ମଧ୍ୟ ଖୁବ୍ ପାଟିସୁଆଦିଆ । ମେଥି ଶାଗଠାରୁ ଆରମ୍ଭ କରି ମେଥି ପରଟା, ମେଥି ପନିର ଆଦି ବିଭିନ୍ନ ଖାଦ୍ୟ ମେଥିରୁ ପ୍ରସ୍ତୁତ କରାଯାଇଥାଏ ।




**ପ୍ରସ୍ତୁତ ପ୍ରଣାଳୀ:**

ମେଥି ଡେମ୍ଫରୁ ଶାଗକୁ ଅଲଗା କରି ବାହାର କରି ଦିଅନ୍ତୁ । ଏହାକୁ ଭଲ ଭାବରେ ପାଣିରେ ଧୋଇ ଛାଣି ଚୂନା ଚୂନା କରି କାଟି ଦିଅନ୍ତୁ । ପରେ ଶାଗକୁ କଡ଼ାଇରେ ଅଳ୍ପ ପାଣି ଓ ଲୁଣ ଦେଇ ସିଝାଇ ଦିଅନ୍ତୁ । ପାଣି ମରିଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏକ ପାତ୍ରରେ ଅଟା, ବେସନ, ଲାଲ ଲଙ୍କା ପାଉଡର, ଲୁଣ, ଦହି, ଚିମୁଟାଏ ହେଙ୍ଗୁ ଆଦି ପକାଇ ପାଣିଦେଇ ଚକଟି ଦିଅନ୍ତୁ । ଏବେ ଏହାକୁ ଗୋଲା କରି ଏହା ମଧ୍ୟରେ ଅଳ୍ପ ଶାଗ ଦେଇ ବେଲଣା ପଟାରେ ବେଲି ପରଟାରେ ସେପ୍ ଦିଅନ୍ତୁ । ତାୱା ଗରମ କରି ପରଟା ପକାନ୍ତୁ । ପରଟା ଭଲ ଭାବରେ ହୋଇ ଗଲେ ଏଥିରେ ରିଫାଇନ ତେଲ ଦେଇ ପରଟା ଲାଲ ପଡ଼ିବା ପରେ ପ୍ଲେଟକୁ କାଢ଼ି ଆଣନ୍ତୁ । ଏହାକୁ ଚିଲି କିମ୍ବା ଟମାଟୋ ସସ୍ ଦେଇ ଖାଆନ୍ତୁ ଖୁବ୍ ସୁଆଦିଆ ଲାଗିବ ।

**ସାମଗ୍ରୀ:**

୨୫୦ ଗ୍ରାମ୍ ଅଟା, ଅଧାକପ୍ ବେସନ, ୧ କପ୍ ମେଥି ପତ୍ର, ଅଧା ଟିସ୍ପୁନ୍ ଜିରା, ଦେଢ଼ ଟିସ୍ପୁନ କଞ୍ଚା ଲଙ୍କା ପେଷ୍ଟ । ୧ ଛୋଟ ଚାମଚ ଶୁଖିଲା ଲଙ୍କା ପାଉଡର, ୨ ଛୋଟ ଚାମଚ ଦହି, ୧ ଟେବୁଲ ଚାମଚ ତେଲ, (ପରଟା ସେକିବା ପାଇଁ), ଲୁଣର ସ୍ୱାଦ ଅନୁସାରେ ।




## ଏମିତି ସଜାନ୍ତୁ ପିଲାଙ୍କ ରୁମ୍

ଆପଣଙ୍କ ପିଲା ଛୋଟ । ଏହା ବୋଲି ତାର ପସନ୍ଦ, ନାପସନ୍ଦକୁ ତ ଆଉ ଅଣଦେଖା କରିପାରିବେ ନାହିଁ । ଯେମିତିକି ତା'ର ରୁମ୍ । ପିଲାର ଏକ ନିଜସ୍ୱ ଦୁନିଆ ଅଛି । ସେହି ଅନୁସାରେ ତାର ରୁମ୍ ସଜାଇବା ଦରକାର । ପିଲାର ରୁମ୍‌କୁ ଏଭଳି ଭାବେ ସଜାଇବା ଆବଶ୍ୟକ ଯେମିତି ତା' ମନ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ । ଆସନ୍ତୁ ଜାଣିବା କିପରି ସଜାଇବେ ଛୋଟ ପିଲାଙ୍କ ରୁମ୍ ।





**ରଙ୍ଗ ବେଦଭାବ ନାହିଁ:**

ଝିଅମାନଙ୍କ ପାଇଁ ଗୋଲାପି ରଙ୍ଗ ଆଉ ପୁଅମାନଙ୍କ ପାଇଁ ନୀଳ । ଏମିତି ଭାବନାକୁ ପଛରେ ପକାଇ କିଛି ନୂଆ ଚିନ୍ତା କରନ୍ତୁ । ନୂଆ ଯୁଗରେ ପିଲାରର ମନକୁ ଖୁସି ରଖିପାରୁଥିଲା ଭଳି ଶେଡ୍ସ ବାଛନ୍ତୁ । ଯେମିତିକି କ୍ରିମ୍, ଲାଇଟ୍ ୟେଲୋ, ଅଲିଭ୍ ଗ୍ରୀନ୍ ଭଳି ରଙ୍ଗ । ଅତି ଗାଢ଼ ରଙ୍ଗ ଛୋଟ ପିଲାର ରୁମ୍ ପାଇଁ ଟିକେ ଉଦ୍ଭଟ ମନେ ହୋଇପାରେ ।

**ସ୍ମାର୍ଟ ଫର୍ନିଚର:**

ପିଲାର ରୁମ୍ ପାଇଁ ଫର୍ନିଚର ବାଛିଲା ବେଳେ ଟିକେ ଚିନ୍ତା କରିବା ଆବଶ୍ୟକ । ଅନେକ ଅଭିଭାବକ ଭାବନ୍ତି ପିଲାକୁ ଆକୃଷ୍ଟ କରିବା ପାଇଁ ତା ରୁମ୍‌ର ସମସ୍ତ ଆସବାବପତ୍ର ରଙ୍ଗୀନ କରିଦେବା ଭଲ । କିନ୍ତୁ ଏହି ଭାବନାରୁ ଆପଣ ଓହରି ଆସନ୍ତୁ । ପିଲା ରୁମ୍‌ର ପ୍ରତ୍ୟେକଟି ଆସବାବପତ୍ର ରଙ୍ଗୀନ କରନ୍ତୁ ନାହିଁ । ଚେୟାର, ଟେବଲ୍ ଆଦୌ ରଙ୍ଗୀନ କରନ୍ତୁ ନାହିଁ । ବରଂ ବୁକ୍ ସେଲ୍‌ଫି ରଙ୍ଗୀନ କଲେ ଭଲ ଲାଗିବ । କିମ୍ବା କାନ୍ଥରେ ରଙ୍ଗୀନ ବ୍ଲକ୍ ସେଲ୍ଫ ଲଗାଇ ପାରିବେ ।



**ବହିରେ ସଜାନ୍ତୁ ଥାକ:**

ପିଲାର ବୟସ ଅନୁସାରେ ଆପଣ ଭଲ ଭଲ ଗପ ବହି ଆଣିର ତା' ରୁମ୍‌ର ଶୋଭା ବଢ଼ାଇପାରିବେ । ପିଲାଙ୍କ ପାଇଁ ଆଜିକାଲି ଅନେକ ପ୍ରକାରରର ଏନ୍‌ସାଇକ୍ଲୋପିଡ଼ିଆ ମିଳୁଛି । ଆପଣ ସେସବୁରେ ତା'ର ବହି ଥାକ ସଜାଇ ପାରିବେ । ଗଛ, ପଶୁପକ୍ଷୀ, ଖେଳ ଆଦି ଉପରେ ଅନେକ ବହି ମିଳୁଛି । ଆପଣ ସେସବୁ ବହି ଆଣି ତା' ରୁମ୍‌ରେର ଏପରି ଜାଗାରେ ରଖିବେ ଯେମିତିକି ତା' ଦୃଷ୍ଟିରେ ପଡୁଥିବ ।

**ପିଲାର ପସନ୍ଦକୁ ଦିଅନ୍ତୁ ଗୁରୁତ୍ୱ:**

ନିଜ ପିଲାର ପସନ୍ଦ, ଅପସନ୍ଦକୁ ବୁଝି ସେହି ଅନୁସାରେ ତା'ର ରୁମ୍ ସଜାନ୍ତୁ । ଆପଣଙ୍କ ପିଲାର ଯଦି ସଙ୍ଗୀତରେ ରୁଚି ଅଛି ତେବେ ତା ରୁମ୍‌ରେ କୌଣସି ବାଦ୍ୟଯନ୍ତ୍ର ରଖନ୍ତୁ । ଯଦି ସେ ଆଙ୍କିବାକୁ ଭଲ ପାଉଥାଏ ତେବେ ତା' ରୁମ୍‌କୁ ଛୋଟ ବଡ଼ ପେଣ୍ଟିଂସରେ ସଜାଇ ପାରିବେ । ଯଦି ବିଜ୍ଞାନମନସ୍କ ହୋଇଥାଏ ତେବେ ପିଲାର ରୁମ୍‌ରେ ବିଜ୍ଞାନଭିତ୍ତିକ କିଛି ଜିନିଷ ରଖି ଘର ସଜାଇ ପାରିବେ ।

**ସୃଜନଶୀଳତାକୁ ପ୍ରାଥମିକତା:**

ଟ୍ରି ହାଉସ୍, ଟେଣ୍ଟ, ସ୍ପେସ୍‌ସିପ୍ ଭଳି ଜିନିଷ ତିଆରି ପିଲାର ରୁମ୍ ସଜାଇ ପାରିବେ । ଏହାଦ୍ୱାରା ପିଲା ନିଜ କୋଠରୀକୁ ତା'ର ଏକ ବିଶାଳ ଦୁନିଆ ବୋଲି ଭାବି ପାରିବ । ତାର ନିଜସ୍ୱ ଦୁନିଆରେ ମନଖୁସିରେ ରହିଲେ ସେ ହୁଏତ ଅନେକ ସୃଜନଶୀଳ କାମ କରିପାରିବେ ।





## ଟିସାର୍ଟ ଡ୍ରେସ୍

ସବୁଦିନ ଏକା ପ୍ରକାର ଷ୍ଟାଇଲ୍ ଭଲ ଲାଗେନି । ଷ୍ଟାଇଲ ବଦଳାଇବା ପାଇଁ ଡିଜାଇନ୍‌ର ଆଉଟଫିଟ୍ ଆବଶ୍ୟକ ହୁଏ । ହେଲେ କେଉଁ ଆଉଟଫିଟ୍ ଭଲ ମାନିବ ଅନେକେ ଜାଣିପାରନ୍ତି ନାହିଁ । ଆପଣ ଯଦି ଷ୍ଟାଇଲରେ କିଛି ନୂଆ ଚେଞ୍ଜ ଆଣିବାକୁ ଚାହୁଛନ୍ତି, କ୍ୟାରି କରନ୍ତୁ ଟିସାର୍ଟ ଡ୍ରେସ୍ । ତେବେ ଟିସାର୍ଟ ଡ୍ରେସ୍‌ରେ କେମିତି ଷ୍ଟାଇଲ କରିବେ ଜାଣିବା ପାଇଁ କିଛି ଟିପ୍ସ ।

**ସ୍ନିକର୍ସ ସହିତ:**

ଟିସାର୍ଟ ଡ୍ରେସ ସହିତ ସ୍ୟାଣ୍ଡେଲ ସୁଜ୍ ସବୁ ଭଲ ମାନିଥାଏ । ହେଲେ ସ୍ନିକର୍ସ ଗେମ୍ ଚେଞ୍ଜର ପରି କାମ କରିଥାଏ । ହ୍ୱାଇଟ୍ ପରିବର୍ତ୍ତେ ଆପଣ ଗୋଲ୍ଡେନ, ଅରେଞ୍ଜ, ପିଙ୍କ୍, ବ୍ଲୁ ପରି କଲର ବାଛି ପାରିବେ । ଆପଣଙ୍କୁ ଟିସାର୍ଟ ଡ୍ରେସ୍ ଷ୍ଟାଇଲ କରିବାକୁ ପଡ଼ିବ ନାହିଁ । ସ୍ନିକର୍ସ ଆପଣଙ୍କୁ ଷ୍ଟାଇଲିଶ ଲୁକ ଦେବ ।

**କ୍ୟାରି କରନ୍ତୁ ବ୍ୟାଗ:**

ଟିସାର୍ଟ ଡ୍ରେସ ପିନ୍ଧୁଥିଲେ ଆକ୍ସେସରିଜରେ ବ୍ୟାଗଟିଏ କ୍ୟାରି କରନ୍ତୁ । ଆପଣଙ୍କ ଷ୍ଟାଇଲକୁ ଏହା ଅଧିକ ପରିମାର୍ଜିତ କରିଥାଏ । ଟିସାର୍ଟ ଡ୍ରେସ୍ ସହିତ କ୍ରସ୍ ବଡି ବ୍ୟାଗ ଓ ସ୍ଲିଙ୍ଗ୍ ବ୍ୟାଗ୍ ଭଲ ମାନିଥାଏ । ଡ୍ରେସ୍ ସହିତ ମ୍ୟାଚ କରି ଏହାକୁ କ୍ୟାରି କରିପାରିବେ ।



**ବେଲ୍ଟରେ ଷ୍ଟାଇଲ:**

ଟିସାର୍ଟ ଡ୍ରେସ୍‌ରେ ବେଲ୍ଟ ଭଲ ଆଇଡିଆ । କାରଣ ଟିସାର୍ଟ ଡ୍ରେସ୍ ଢିଲା ଥାଏ । ତେଣୁ ବେଲ୍ଟ ପିନ୍ଧିଲେ ଆଦୌ ଖରାପ ଲାଗେ ନାହିଁ । ଯେକୌଣସି ବେଲ୍ଟରେ ଡ୍ରେସ୍‌କୁ ଷ୍ଟାଇଲିଶ କରିପାରିବେ । ତେବେ ଡ୍ରେସ୍‌ର ରଙ୍ଗ, ଷ୍ଟାଇଲକୁ ଦେଖି ବେଲ୍ଟ ବାଛିବା ଦରକାରୀ ।

**ସ୍କର୍ଟ ବି ଆସିବ କାମରେ:**

କିଛି ଏକ୍ସପେରିମେଣ୍ଟ କରିବାକୁ ଚାହୁଁଥିଲେ ଟିସାର୍ଟ ଡ୍ରେସ୍‌ରେ ସ୍କର୍ଟ ସାମିଲ କରନ୍ତୁ । ଟିସାର୍ଟ ସହିତ ନେଟ୍ ଏବଂ ଏଲାଇନ ସ୍କର୍ଟ ସୁନ୍ଦର ଲାଗିଥାଏ । ଆପଣ ଚାହିଁଲେ ଟିସାର୍ଟ ଡ୍ରେସ୍‌ରେ ନଟ୍ ବାନ୍ଧି ଜିନ୍ସ କ୍ୟାରି କରିପାରିବେ ।

**ଜ୍ୟାକେଟ:**

ଟିସାର୍ଟ ଡ୍ରେସ୍‌ରେ ଜ୍ୟାକେଟ କ୍ୟାରି କରି ସହଜରେ ଷ୍ଟାଇଲିଶ ଲୁକ ପାଇପାରିବେ । ଆପଣ ଟିସାର୍ଟ ଡ୍ରେସ୍‌ରେ ଡେନିମ, ଲେଦର, ସାର୍ଟ ଏବଂ ଲଙ୍ଗ୍ ଜ୍ୟାକେଟ ପିନ୍ଧିପାରିବେ । ଆଉଟିଂ ପାଇଁ ଏହି ଲୁକ୍ ପରଫେକ୍ଟ ।

## ଉପକାରୀ ମୂଳା ଶାଗ

ମୂଳା ପରିବାରେ ଥିବା ବିଭିନ୍ନ ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ମୂଳା ଶାଗ ଖାଇବା ହିତକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ । ଖୁବ୍ କମ୍ ସମୟରେ ପ୍ରସ୍ତୁତ ହୋଇପାରୁଥିବା ମୂଳା ଶାଗ କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ହୋଇଥିବାବେଳେ ହାଡ, ଗଣ୍ଠିକୁ ଶକ୍ତ କରିଥାଏ ।

◆ ତ୍ୱଚା ଉପରେ ଏହି ମୂଳା ଶାଗର ଉତ୍ତମ ପ୍ରଭାବ ପଡୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି । ବ୍ରଣ ସମସ୍ୟା ଉପୁଜୁଥିଲେ, ସପ୍ତାହକୁ ୨-୩ ଥର ମୂଳା ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।

◆ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମୂଳା ଶାଗ ନିୟମିତ ଭୋଜନରେ ସାମିଲ କଲେ କର୍କଟ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ ।

◆ ଶୀତଦୀନେ ଥଣ୍ଡା ଓ କାଶ ରୋଗରେ ଅଧିକାଂଶ ଆକ୍ରାନ୍ତ ହୋଇଥାନ୍ତି । ଶୀତଦିନେ ଏଇ ଶାଗ ନିଜ ଖାଦ୍ୟ ତାଲିକାରେ ସାମିଲ କଲେ ସର୍ଦ୍ଦି ରୋଗ ହୋଇନଥାଏ ବୋଲି ଅନୁନ୍ଧାନରୁ ଜଣାପଡିଛି ।

◆ ରକ୍ତଚାପ ରୋଗୀ ପ୍ରତ୍ୟହ ଏହି ଶାଗ ଖାଇଲେ ସେମାନଙ୍କ ଚାପ ସମସ୍ୟା ନିୟନ୍ତ୍ରଣ ହେଉଥିବାର ବିଶେଷଜ୍ଞଙ୍କ ମତ ।



## ଘରର ମୂଲ୍ୟ ୩୫.୮ ଅରବ

ଆଜିର ସମୟ ଲୋକ ଘର ତିଆରି କିରବାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ମନ ଉଣା କରୁନାହାନ୍ତି । କରଜ କରି କିମ୍ବା ନିଜ ସଞ୍ଚୟରୁ ବଞ୍ଚାଇ ଲୋକ ବହୁ ମୂଲ୍ୟ ବିଳାସମୟ ଘର ତିଆରି ଯୋଜନା କରୁଛନ୍ତି । ଏପରିସ୍ଥଳେ ଆମେରିକାର ଲସ୍‌ଆଞ୍ଜେଲସ୍‌ସ୍ଥିତ ବେଲ୍ ଏୟାର ପାହାଡ ଉପରେ ନିର୍ମିତ ଏକ ବିଳାସମୟ ଅଟ୍ଟାଳିକା ୩୫.୮ ଅରବ ମୂଲ୍ୟରେ ବିକ୍ରି ହୋଇଛି । ୧ଲକ୍ଷ ବର୍ଗ ଫୁଟ୍ ପରିସୀମାରେ ବହୁ ମୂଲ୍ୟ ଘରଟିକୁ ତିଆରି କରାଯାଇଥିବାର ପ୍ରକାଶ । ଆମେରିକାର ସବୁଠୁ ନାମୀ ଦାମୀ ଘର ଡିଜାଇନ୍ କରୁଥିବା ନିଲ୍ ନିୟାମି ଏଇ ଘରର ଡିଜାଇନ୍ କରିଛନ୍ତି । ଏହି ବିଳାସମୟ ଅଟ୍ଟାଳିକାର ବିଶେଷତ୍ୱ ହେଲା, ପୂରା ଲସ୍‌ଆଞ୍ଜେଲସ୍‌ର ଦୃଶ୍ୟ ଇଏ ଘରୁ ଦେଖାଯାଇଥାଏ । ଏହା ସହ ପ୍ରଶାନ୍ତ ମହାସାଗରର ସୁନ୍ଦର ଦୃଶ୍ୟ ମଧ ଘରୁ ଦୃଶ୍ୟମାନ ହୁଏ । ଘରର ଏକ ସ୍ୱତନ୍ତ୍ର କକ୍ଷରେ କାଚର କାନ୍ଥ ସଂଲଗ୍ନ ଆକ୍ୱାରିୟମ୍ କରାଯାଇ ରଙ୍ଗବେରଙ୍ଗର ମାଛମାନ ରଖାଯାଇଛି ।

## ବିଶ୍ୱର ସବୁଠୁ ଥଣ୍ଡାଗ୍ରାମ 'ୟାକୁଟିଆ'



ଚଳିତ ବର୍ଷ ଭାରତର ପ୍ରମୁଖ ପ୍ରାନ୍ତରେ ଶୀତର ଲହରୀ ଅନ୍ୟ ବର୍ଷ ତୁଳନାରେ ଅଧିକ ଅନୁଭୂତ ହୋଇଥାଏ । ଲୋକେ ଜାଣିରଖିବା ଉଚିତ ଯେ ବିଯୁକ୍ତ ତାପମାତ୍ରା ନ ହୋଇ ମଧ ଉତ୍ତର ଭାରତ ଶୀତରେ ଥରି ଉଠିଥିଲା । ଏପରିସ୍ଥଳେ ରୁଷ୍‌ର ଏକ ଗ୍ରାମ ୟାକୁଟିଆରେ ତାପମାତ୍ରା -୫୮ ଡିଗ୍ରୀରେ ପହଞ୍ଚିଯାଏ । ବର୍ଷର ଅଧିକାଂଶ ମାସ ଏଇ ଗ୍ରାମର ନଦୀ ବରଫ ଜମାଟ ବାନ୍ଧି ରହେ । ୟାକୁଟିଆ ଓ ଏହାର ଆଖପାଖ ଅଂଚଳର ଲୋକସଂଖ୍ୟା ପ୍ରାୟ ୩ ଲକ୍ଷ ହେବ । ବର୍ତ୍ତମାନ ସେଠାରେ ତାପମାତ୍ରା -୪୪ ଡିଗ୍ରୀ ଥିବା ସତ୍ତ୍ୱେ ସ୍କୁଲ, କଲେଜ ବନ୍ଦ ହୋଇନାହିଁ । ତାପମାତ୍ରା-୫୨ ଡିଗ୍ରୀରେ ହଫଂଚିବା ପରେ ହିଁ କାର୍ଯ୍ୟାଳୟ ଓ ସ୍କୁଲ, କଲେଜ ବନ୍ଦ ହେବ ବୋଲି ସରକାରୀ ସୂତ୍ରରୁ ପ୍ରକାଶ । ମସ୍କୋଠାରୁ ୩,୩୦୦ ମାଇଲ୍ ପୂର୍ବରେ ସ୍ଥିତ ଏହି ଗ୍ରାମର ଲୋକ ହରିଣ ଛାଲ ପୋଷାକ ପିନ୍ଧି କାରବାର କରନ୍ତି । କାରଣ ସାଧାରଣ ପଶମ ପୋଷାକ ଏଠାକାର ଶୀତ ସମ୍ଭାଳି ପାରିନଥାଏ । କୌଣସି ମୃତ ବ୍ୟକ୍ତିର କବର ଦେବାକୁ ପ୍ରଥମେ ଜମାଟ ବରଫକୁ ତରଳାଇବା ନିମନ୍ତେ ଘଣ୍ଟାଘଣ୍ଟା ନିଆଁ ଲଗାଇବା ପରେ ହିଁ ମାଟିରେ ସଂସ୍କାର କରାଯାଏ ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି । କାର୍ ଚଳାଉଥିବା ଲୋକ ପୂରା ରାତି ଗାଡି ଚାଲୁ କରି ରଖନ୍ତି, ନଚେତ୍ ସକାଳୁ ଗାଡି ଷ୍ଟାର୍ଟ ହୋଇନଥାଏ । ସେଠା ଲୋକ ଏଭଳି ପରିବେଶ ସହ ଅଭ୍ୟସ୍ତ । ପର୍ଯ୍ୟଟକ ମଧ ପୂରା ବର୍ଷ ଏଠାରେ ଭିଡ ଲଗାଉଥିବାର ଜଣାପଡିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିଜେ ହିଁ ନିଜକୁ ରକ୍ଷାକର...

କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ କରୋନା ମହାମାରୀ ସଂକ୍ରମଣ କୌଣସି ଭାବେ ପ୍ରଶମିତ ହୋଇଥିବା ପରି ପ୍ରତୀୟମାନ ହୁଏନାହିଁ । ରବିବାର ସୁଦ୍ଧା ଭାରତରେ କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ୪୧ ଲକ୍ଷ (୪୧,୧.୭୭୩) ଟପିଥିବା ବେଳେ ଏହି ମହାମାରୀରେ ଆକ୍ରାନ୍ତ ହୋଇ ୭୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଏହା ସରକାର ଅଥବା ଜନସାଧାରଣଙ୍କ ପାଇଁ କୌଣସି ଦୃଷ୍ଟିରୁ ଆଶ୍ୱସ୍ତିର ଖବର ନୁହେଁ । ତେବେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ନିମନ୍ତେ ସମଗ୍ର ଦେଶରେ ପ୍ରବଳ ପ୍ରୟାସ ଜାରି ରହିଛି । ଏହାର ପରିଣାମ ସ୍ୱରୂପ ଦେଶରେ ଏବେ ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୭୭.୩୨ ପ୍ରତିଶତ ରୋଗୀ ଚିକିତ୍ସା ପରେ ଆରୋଗ୍ୟ ଲାଭ କରିବା ସବୁଠାରୁ ବଳି ସୁଖବର । ସେହିଭଳି ମୃତ୍ୟୁହାର କ୍ରମାଗତ ଭାବେ ହ୍ରାସ ପାଇଁ ୧.୭୨ ପ୍ରତିଶତରେ ପହଞ୍ଚିବା ମଧ୍ୟ ଏକ ବଡ଼ ଉପଲବ୍ଧି । କୌଣସି ମହାମାରୀ ଉପରେ ବିଜୟ ଲାଭ କରିବା ଅର୍ଥ ହେଉଛି ଏହାକୁ ସମୂଳେ ନିଃଶେଷ କରବା । କିନ୍ତୁ କେବଳ ଭାରତ ନୁହେଁ, ବିଶ୍ୱର କୌଣସି ରାଷ୍ଟ୍ର ଏଭଳି ସଫଳତା ପାଇପାରି ନାହାନ୍ତି ଏବଂ ଏ ଦିଗରେ ଅନେକ ରାଷ୍ଟ୍ର ସମାନ୍ତରାଳ ଭାବେ ସେମାନଙ୍କର ପ୍ରୟାସ ଓ ଗବେଷଣା ଜାରି ରଖିଛନ୍ତି । ଏଥିପାଇଁ ପ୍ରତିଷେଧକ ଟୀକା ଉଦ୍ଭାବନ ସକାଶେ ବିଭିନ୍ନ ରାଷ୍ଟ୍ର ଉଦ୍ୟମ କରୁଥିବା ବେଳେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଗବେଷକ ଗୋଷ୍ଠୀଙ୍କ ଟିକା ଏବେ ତୃତୀୟ ପର୍ଯ୍ୟାୟ ମାନବୀୟ ପରୀକ୍ଷଣ ସ୍ତରରେ ପହଞ୍ଚିଛି । ରୁଷିଆର ବୈଜ୍ଞାନିକମାନେ ଉଦ୍ଭାବନ କରିଥିବା ଟୀକା ତା'ଠାରୁ ଆଗରେ ରହିଥିବା ଦାବି କରାଯାଉଛି ଏବଂ ଏହାର ତୃତୀୟ ପର୍ଯ୍ୟାୟ ମାନବୀୟ ପରୀକ୍ଷଣ ଇତିମଧ୍ୟରେ ଶେଷ ହୋଇଥିବା ସୂଚନା ମିଳିଛି । ଭାରତ ମଧ୍ୟ ତା'ର ନିଜସ୍ୱ ଜ୍ଞାନକୌଶଳର ଉପଯୋଗ କରି ଟୀକା ବିକାଶ ଦିଗରେ ଅଗ୍ରସର ହେଉଛି । କିନ୍ତୁ ଏସବୁ ଟିକା ରୋଗୀଙ୍କଠାରେ ସଫଳ ଭାବେ ଦିଆଯିବା ପାଇଁ ଆହୁରି ମାସ ମାସ ସମୟ ବାକି । କାରଣ, କୌଣସି ମହାମାରୀ ଟିକାର ବିକାଶ ଏତେ ଶୀଘ୍ର କରାଯାଇନଥାଏ । ଏବଂ ଯେହେତୁ ଏଥିସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରକ୍ଷା ଭଳି ପ୍ରଶ୍ନ ଜଡ଼ିତ ଓ ଲୋକମାନଙ୍କ ଶରୀର ଉପରେ ଏହାର ଦୀର୍ଘକାଳୀନ ପ୍ରଭାବ ରହିଛି, ସେହି ଦୃଷ୍ଟିରୁ ସବୁ ଦିଗ ପ୍ରତି ନଜର ଦେଇ ଏହାର ବିକାଶ ଘଟାଇବାକୁ ବିଜ୍ଞାନୀମାନେ ଉଦ୍ୟମ କରୁଛନ୍ତି । ଆଶା କରାଯାଇପାରେ ଯେ, ଆସନ୍ତାବର୍ଷ ପ୍ରାରମ୍ଭ ବେଳକୁ ତାହା ଉପଲବ୍ଧ ହେବ । କିନ୍ତୁ ସେତେବେଳକୁ କରୋନା ସଂକ୍ରମଣ ସ୍ଥିତି କେଉଁ ଅବସ୍ଥାରେ ଥିବ ତାହା ନିର୍ଦ୍ଦିଷ୍ଟ ଭାବେ ଆକଳନ କରିବା କଷ୍ଟସାଧ୍ୟ । କିଛି ଭୂତାଣୁ ବିଜ୍ଞାନୀଙ୍କ ମତ ଯେ, ଏହି ମହାମାରୀ ଢେର୍ ସମୟ ପର୍ଯ୍ୟନ୍ତ ରହିବ ଏବଂ ମାନବ ସମାଜ ପ୍ରତି ବିପଦ ସୃଷ୍ଟି କରିବ । ଆଉ କେତେକ ଚିକିତ୍ସା ବିଜ୍ଞାନୀଙ୍କ ମତରେ ଏହା ଆଉ କେଇ ମାସ ମଧ୍ୟରେ ଥମିଯିବ ଯେଭଳି ଚୀନରେ ଥମିଯାଇଛି । କିନ୍ତୁ ଏସବୁ କେବଳ ଅନୁମାନ ମାତ୍ର । ଭାରତ ପାଇଁ ସବୁଠାରୁ ବଡ଼ ଚାଲେଞ୍ଜଟି ହେଲା ଏହାର ଜନସଂଖ୍ୟା । ତେଣୁ ଦେଶର ଦଶଟି ରାଜ୍ୟ (ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ବିହାର, ତେଲଙ୍ଗାନା ଓ ଆସାମ) ଯେଉଁଠାରେ କି ସଂଖ୍ୟା ଦୃଷ୍ଟିରୁ କରୋନା ସଂକ୍ରମଣ ଅଧିକ; ସେଠାରେ ଏହାର ନିୟନ୍ତ୍ରଣ ସକାଶେ କଟକଣାଠାରୁ ନେଇ ସତର୍କତା ଅବଲମ୍ବନ ଏବଂ କରୋନା ପଜିଟିଭ୍ ଚିହ୍ନଟ, ସେମାନଙ୍କର ପରୀକ୍ଷଣ ଏବଂ ଚିକିତ୍ସା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏଥିପାଇଁ କେନ୍ଦ୍ର ସରକାର ତାଙ୍କ ପ୍ରୟାସ ଜାରି ରଖିଥିବା ବେଳେ ରାଜ୍ୟ ସରକାରମାନେ ନିଜ ନିଜ ରାଜ୍ୟର ବାସ୍ତବ ସ୍ଥିତିକୁ ବିଚାରକୁ ନେଇ ଏ ଦିଗରେ ଅଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି । କରୋନା ମହାମାରୀ ଭାରତରେ ତା'ର କାୟା ବିସ୍ତାର କରିବାର ପ୍ରାରମ୍ଭିକ ଅବସ୍ଥାରେ ଏଥିପ୍ରତି ଲୋକମାନେ ଭୟଭୀତ ହୋଇ ଯେଉଁଭଳି କଟକଣା ମଧ୍ୟରେ ରହୁଥିଲେ ଏବେ ତାହା ଢିଲା ପଡ଼ିଯାଇଥିବା ପରି ମନେହୁଏ । ଲକ୍‌ଡାଉନ ପରେ ଅନ୍‌ଲକ୍‌ର ବିଭିନ୍ନ ପର୍ଯ୍ୟାୟରେ ସରକାର କଟକଣା କୋହଳ କଲେ ଏବଂ ତାହା କେତେକ ରାଜ୍ୟ ଓ ସହରରେ ଏହି ମହାମାରୀ ବିସ୍ତାରକୁ ପ୍ରଖରିତ କଲା । ଏବେ ଯେତିକି ଅଧିକ ନମୁନା ଟେଷ୍ଟ କରାଯାଉଛି, ସେତିକି ଅଧିକ ସଂଖ୍ୟକ ପଜିଟିଭ୍ ଚିହ୍ନଟ ହେବାରେ ଲାଗିଛନ୍ତି । ଡାକ୍ତରଖାନାମାନଙ୍କରେ ଶଯ୍ୟା ପୂର୍ଣ୍ଣ ହୋଇସାରିଛି । ଏପରିସ୍ଥଳେ କେବଳ ସତର୍କତା ଅବଲମ୍ବନ ଏବଂ ନିଜକୁ ସୁସ୍ଥ ରଖିବା ଛଡ଼ା ଗତ୍ୟନ୍ତର ଥିବା ପରି ମନେ ହୁଏ ନାହିଁ ।

## କବିତା କୋଣାର୍କ

### ସୁନ୍ଦର ସହର ବ୍ରହ୍ମପୁର..

ଧ୍ରୁବ ଚରଣ ବେହେରା

ଭାଇଚାରା ପାଇଁ ସୁନ୍ଦର ସହର
ଅଟଇ ଏ ବ୍ରହ୍ମପୁର
ସେବା ଆତ୍ମୀୟତା ସହଯୋଗ ସେତୁ
ବାନ୍ଧେ ଜନ ମନେ ଡୋର ॥

ସ୍ୱଚ୍ଛତାର ଲାଗି ଦେଶରେ ସମ୍ମାନ
ପାଇଛି ଏ ପୁଣ୍ୟ ମାଟି
କଳିଙ୍ଗର କୋଳେ ଅତି ସେ ମହାନ୍
ଏହି ତାର ସୁନା ଭେଟି ॥

ଶିକ୍ଷା ସ୍ୱାସ୍ଥ୍ୟ ପାଇଁ ଯୋଗାଇ ଦେଇଛି
ଉତ୍ତମ ସୁବିଧା ମାନ
ନିର୍ମଳ ଶାସନ ସାଥେ ମୈତ୍ରୀ ଭାବ
ଏହି ତାର ସ୍ୱାଭିମାନ ॥

ବିଭିନ୍ନତା ମଧ୍ୟେ ରଖିଛି ଏକତା
ଗାଆଁରୁ ସହର ଯୋଡ଼ି
ପ୍ରାଚୀନ କଳା ଓ ସାହିତ୍ୟ କ୍ଷେତ୍ରକୁ
ଅପୂର୍ବ ତା ଦାନ ପେଡ଼ି ॥

ଇତିହାସ ଯାର ଚିର ଓ ସବୁଜ
ଏହି ଆମରି ସହର
ଜାଜ୍ୱଲ୍ୟମାନ ସେ ଅଛି ରହିଥିବ
ସୁନ୍ଦର ଏ ବ୍ରହ୍ମପୁର ॥

ପୂର୍ବ ଉପକୂଳ ଦକ୍ଷିଣର କଣ୍ଠେ
ବିରାଜିତ ପୁଣ୍ୟ ଭୂମି
ଉତ୍କଳ ଛାତିର ସୁନା ପରୀ ସତେ
ଝଟକଇ ନଭ ଚୁମି ॥


+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪


# ବିପତ୍ତିକୁ ସମ୍ପତ୍ତିରେ ବଦଳାଇଦେବ ଭିନ୍ନ ବନ୍ୟା ନୀତି


ମାୟାଧର ନାୟକ




ବର୍ଷା ଅପେକ୍ଷାରେ ବାଉଳୀ ଚାଉଳୀ ହେଉହେଉ ଅଚାନକ ଲଘୁଚାପ ସୃଷ୍ଟି ହୋଇ ଚାରି ପାଂଚଦିନ ଅସରା ଅସରା ମେଘ ବର୍ଷିଗଲେ ଅଜଗର ଗର୍ଭ ପରି ଫୁଲିଉଠେ ଓଡିଶାର ନଈନାଳ ... ପାଣିଚାପାର ଫୁତ୍କାରରେ ଫୁଟିଯାଏ ହୀରାକୁଦ ବନ୍ଧର ଗୋଟିଏ ପରେ ଗୋଟିଏ କବାଟ ! ଚାରିଆଡେ ଆର୍ତ୍ତନାଦ - ଉପକୂଳବର୍ତ୍ତୀ ଓଡିଶାରେ ସୃଷ୍ଟି ହୁଏ ଭୟଙ୍କର ବନ୍ୟାର ବିପ୍ଳାତ ! ଖବର କାଗଜର ପ୍ରଥମ ପୃଷ୍ଠାରେ ଶିରୋନାମା ହୁଏ – ବନ୍ୟା ! ଅଥଚ ବନ୍ୟାକୁ ନେଇ ନୂତନ ନୀତି ନିର୍ଦ୍ଧାରଣ କରାଯାଇ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ପାରିଲେ – ବିପତି ଯେ ସଂପତିରେ ବଦଳିଯାଇ ପାରିବ, ଏ କଥା ବୁଝିବା କେବେ ? କେବେ ବନ୍ୟା ତ କେବେ ମରୁଡି, ମଝିରେ ମଝିରେ ବାତ୍ୟା - ପ୍ରତ୍ୟେକ ବର୍ଷ ଏଇ ଖବରରୁ ଓଡିଶା ନିସ୍ତାର ପାଇଲା ନାହିଁ । ପ୍ରାକୃତିକ ବିପର୍ଯ୍ୟୟରୁ ଓଡିଶା କେବେ ମୁକୁଳିବ ? ବନ୍ୟା, ବାତ୍ୟା, ମରୁଡିର କ'ଣ ସ୍ଥାୟୀ ପ୍ରତିକାର ସମ୍ଭବ ନୁହେଁ ? ଯଦି ସମ୍ଭବ, ତାହା ହୋଇନପାରିବାର କାରଣ କ'ଣ ?

ସମୀକ୍ଷା, ପ୍ରସ୍ତାବ, ପ୍ରକଳ୍ପ ସବୁ ଶୁଣିବାକୁ ଭଲ ଲାଗିପାରେ; କିନ୍ତୁ କୌଣସିଟି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାର ଦେଖାନାହିଁ । ମଧ୍ୟପ୍ରଦେଶ, ଛତିଶଗଡରେ ବର୍ଷା ହେଲେ ହୀରାକୁଦ ଡ୍ୟାମରେ ପାଣି ଭର୍ତି ହୋଇଯାଉଛି । ହୀରାକୁଦ ଡ୍ୟାମ ଉଛୁଳିଲେ – ସ୍ଲୁଇସ୍ ଗେଟ୍ ଖୋଲୁଛନ୍ତି – ସେ ଜଳର ଖରପ୍ରଖର ମହାବେଗ ବଙ୍ଗୋପସାଗରରେ ପଡିଲା ବେଳକୁ ମହାନଦୀ ଓ ତାର ଶାଖାନଦୀରେ ପ୍ରବଳ ବନ୍ୟା ହୋଇ ନଦୀକୂଳ ପାଖାପାଖି ଅଂଚଳରେ ବାସ କରୁଥିବା ଦୁଇକୋଟି ଲୋକଙ୍କର ନାହିଁ ନଥିବା କ୍ଷୟକ୍ଷତି କରି ଚାଲିଯାଉଛି । ବନ୍ୟା, ବାତ୍ୟା, ମରୁଡି, ଘରପୋଡି, ଅଂଶୁଘାତ, ଘୂର୍ଣ୍ଣିବାତ୍ୟା, କରକାପାତ ତଥା ଅନ୍ୟାନ୍ୟ କେତେକ ବିପର୍ଯ୍ୟୟ ଓଡିଶାବାସୀଙ୍କ ସହଚର ହୋଇଯାଇଛି । ପ୍ରତିବର୍ଷ କିଛି ନା କିଛି ଘଟୁଛି । ସବୁ କ୍ଷେତ୍ରରେ ଯେ କେବଳ ପ୍ରକୃତି ଦାଉ ସାଧୁଛି, ତା' ନୁହେଁ; ଅଧିକାଂଶ 'ମନୁଷ୍ୟକୃତ' ବିପଦ । ଯେଉଁମାନେ ବିପଦ ପକାଇ ଖସିଯାଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଶ୍ରାଦ୍ଧଦିବସ ଆମେ ପାଳନ କରୁଛୁ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମଧ୍ୟ ଲୋକଙ୍କୁ ପରାମର୍ଶ ଦେଉଛୁ, ଏହା ହିଁ ବିଡମ୍ବନା ।

ହୀରାକୁଦ ଜଳଭଣ୍ଡାରରେ ସର୍ବୋଚ୍ଚ ୬୩୦ ଫୁଟ ଜଳ ଧାରଣ କରିବା ସମ୍ଭବପର । କିନ୍ତୁ ବର୍ତ୍ତମାନ ପ୍ରାୟ ଜଳଭଣ୍ଡାରରେ ୩୦ ଭାଗ ପଟୁମାଟି ପୋତି ହୋଇଗଲାଣି । ଅର୍ଥାତ୍ ୬୦୦ ଫୁଟ ଜଳଧାରଣ କ୍ଷମତା ରହିଛି । ଉପର ମୁଣ୍ଡରୁ ବର୍ଷା ହେଲେ ଖୁବ୍ ଶୀଘ୍ର ଜଳପ୍ରବେଶ କରୁଛି । ବାସ୍ତବରେ ୬୩୦ ଫୁଟ ବିପଦ ସଂକେତ ଚିହ୍ନଟ କରି ଜଳ ଛାଡୁଛନ୍ତି । ଯାହା ଫଳରେ ମହାନଦୀ ଓ ଶାଖାନଦୀରେ ମାତ୍ରାତିରିକ୍ତ ଜଳ ପ୍ରବେଶ କରୁଛି । ଏହି ସବୁ ନଦୀ ଯୋଜନାରହିତ ଯତ୍ନ ଅଭାବରୁ ବହୁ ଦିନ ହେଲା ପୋତି ହୋଇଆସିଲାଣି । ଜଳ ଉଛୁଳି ଗାଁ ଗଣ୍ଡା ଜନଜୀବନ, ଫସଲର ବ୍ୟାପକ ହାନି ଘଟାଉଛି । ହୀରାକୁଦ ଡ୍ୟାମ ଓ ବିଭିନ୍ନ ନଦୀରୁ ପଟୁମାଟି ବହାର କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ଫଳରେ ସଂପଦସୂଚକ ହୀରାକୁଦ ଆଜି ବିପଦବ୍ୟଂଜକ ହୀରାକୁଦରେ ପରିଣତ ହୋଇଛି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏକଦା ଚୀନର ଦୁଃଖ ହୋୟାଂହୋ ନଦୀ ଥିଲା । ମାଓ ସେତୁଂଙ୍କ ନେତୃତ୍ୱରେ ଚୀନବାସୀ ନଦୀରୁ ମାଟି ଉଠାଇ ବନ୍ଧ ଉଚ୍ଚା କରିଦେଲେ । ସେହି ଦୁଃଖନଦୀ ଏବେ ସୁଖନଦୀରେ ପରିଣତ ହୋଇଛି । ହୀରାକୁଦ ଡ୍ୟାମ, ରାଜ୍ୟର ନଦୀ, କେନାଲ ସବୁରୁ ପଟୁମାଟି, ବାଲି ବାହାର କରାଯାଇପାରିଲେ ହିଁ ବନ୍ୟାବିପତି ବନ୍ୟାସଂପତିରେ ପରିଣତ ହେବ ।

୧୮୬୬ ମସିହାରେ ନ'ଅଙ୍କ ଦୁର୍ଭିକ୍ଷରେ ୩୦ ହଜାର ଲୋକ ମରିଥିଲେ । ୧୮୯୯ରେ ଭୟାବହ ମରୁଡି, ଅନାହାର ଓ ଦୁର୍ଭିକ୍ଷ ପଡିଥିଲା । ବ୍ରିଟିଶବାଲାଙ୍କ ଅବହେଳା ଯୋଗୁ ଲୋକେ ମରୁଥିଲେ । ଏହି ସବୁ ବିପଦ ଥିଲା ମନୁଷ୍ୟକୃତ । ବିଶେଷକରି ୧୯୯୯ ବିଶ୍ୱର ସର୍ବାଧିକ ବିଭୀଷିକାମୟ ଚରମ ଚକ୍ରବାତ୍ୟା, ୨୦୦୦ରେ ମହାମରୁଡି, ପୁଣି ୨୦୦୧, ୨୦୦୩, ୨୦୦୮ରେ ମହାବନ୍ୟା ତାଣ୍ଡବ ଲୀଳାରେ ଓଡିଶାର ଅର୍ଥନୈତିକ ଓ ସାମାଜିକ ସ୍ଥିତି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ପରେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଯୋଜନା ପ୍ରତି ସରକାର ଆଜି ପର୍ଯ୍ୟାନ୍ତ ଧ୍ୟାନ ଦେଲେ ନାହିଁ । ପାଗ ଭିଡୁ ଭିଡୁ କଚେରୀ ବରଖାସ୍ତ ହେଲାଭଳି – ସରକାର ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ କହୁଥିବାବେଳେ ୨୦୦୮ ସେପ୍ଟେମ୍ବର, ୨୦୧୪ ଅଗଷ୍ଟବନ୍ୟା ପୁଣି ବନ୍ୟାଂଚଳ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଲା । ପୁଣି ସେଇ ୨୦୨୦ ଅଗଷ୍ଟ ବନ୍ୟାର ତାଣ୍ଡବଲୀଳା ସମସ୍ତେ ଦେଖୁଛେ ।

ଜଳବହୁଳେ ସୃଷ୍ଟିନାଶ – ଜଳବିହୁନେ ସୃଷ୍ଟିନାଶ । ଏ କଥାପଦକ କେଉଁ ଅନାଦି କାଳରୁ ଚଳିଆସିଛି । ଏଥିରେ ବୈଜ୍ଞାନିକ ସତ୍ୟତା ଅଛି । ଆମ ଓଡିଶାରେ ଏତେ ନଦୀନାଳ ଅଛି – ସବୁବର୍ଷ ବର୍ଷା ମଧ୍ୟ ହେଉଛି – କିନ୍ତୁ ପାଣିକୁ ଆମେ ଅଟକାଇ ପାରୁନୁ – ସବୁ ସମୁଦ୍ରକୁ ବହିଯାଉଛି - ଫସଲ ପାଇଁ ପାଣି ଦରକାର – ସବୁ ଶୁଖିଲା – ହେଲା ମରୁଡି – ମାଟିତଳୁ ମଧ୍ୟ ପାଣି ଉଠାଇ ଜମିରେ ମଡାଇବା କଷ୍ଟକର ଟଙ୍କା ଖର୍ଚ୍ଚ କରି କଳକାରଖାନା ସବୁ ମାଟି ତଳୁ ପାଣି ଶୋଷି ନେଉଛନ୍ତି ।

ବହୁ ବର୍ଷ ହେଲା ନଈ, ନାଳ ସବୁ ପୋତି ହୋଇଗଲାଣି । ବର୍ଷାପାଣି ନଈ, ନାଳରେ ଉଛୁଳି, ଏ କୂଳ ସେ କୂଳ ଖାଇ ବିଲବାଡି, ଘରଦ୍ୱାର, ଧନସମ୍ପତି, ଗାଈଗୋରୁ, ପଶୁ ମଣିଷ ସମସ୍ତଙ୍କୁ ଖାଇଗୋଡାଉଛି । ଆମେ ବନ୍ୟାକୁ ଅଟକେଇ ପାରୁନାହାଁନ୍ତି । ଅଟକାଇପାରିଲେ ବନ୍ୟାବିପଦ ବରଂ ବିପୁଳ ସଂପଦରେ ପରିଣତ ହୁଅନ୍ତା । ବିଭିନ୍ନ ନଦୀବନ୍ଧ, କେନାଲ ବନ୍ଧରେ କେଡେକେଡେ ଯେଉଁ ସବୁ ବିରାଟ ବିଶାଳ ବପୁବନ୍ତ ବୃକ୍ଷ ଥିଲା ସେ ସବୁ ଦେଖିବାକୁ ମିଳୁନି । ଲୋକେ ଗଛକାଟି ନେଉଛନ୍ତି । ନୂଆ ଗଛ ଲଗାହେଉନି । କେବଳ କାଗଜପତ୍ରରେ ଗଛ ଲଗାଯାଉଛି । ବନ୍ଧବାଡ ମରାମତି ପାଇଁ ପ୍ରିୟାପ୍ରୀତି ତୋଷଣରେ ଯେଉଁ ଟଙ୍କା ବରବାଦ ହେଉଛି – ତା'ଦ୍ୱାରା ଦୁର୍ବଳ ନଦୀବନ୍ଧ ଯୋଗୁ ଘାଇ ସୃଷ୍ଟି ହେଉଛି ।

ବନ୍ୟା କାହା ପାଇଁ ପୁଷମାସ – କାହା ପାଇଁ ସର୍ବନାଶ । ଉପଯୁକ୍ତ ଉପଦେଷ୍ଟାହୀନ ସରକାରଙ୍କ ଅଦୂରଦର୍ଶିତା ଯୋଗୁ ଲୋକଙ୍କର ଯେଉଁ ବ୍ୟାପକ କ୍ଷତି ହେଉଛି, ତାହା ଭରଣା କରିବା ସମ୍ଭବ ନୁହେଁ । ଶାସକଦଳ ବିରୋଧିଦଳ ପରସ୍ପର ପ୍ରତି ଯେତେ କାଦୁଅ ଫୋପଡାଫୋପଡି ହୁଅନ୍ତୁ ପଛେ, ଏହାଦ୍ୱାରା ବାସ୍ତବ ସମସ୍ୟା ସମାଧାନ ହେଉନାହିଁ । ସମ୍ପ୍ରତି ବନ୍ୟା ବିପର୍ଯ୍ୟୟର ମୁକାବିଲା ପାଇଁ ସରକାରୀ ଦଳ ଯେତେ ଯୋଜନା କରୁଛନ୍ତି – ସେଥିରୁ ସୁଫଳ ମିଳିବ ବୋଲି ଭାବିବା ମୂର୍ଖାମୀ ହେବ । ଶସ୍ତା ଭୋଟ ରାଜନୀତି ପାଇଁ ଲୋକଙ୍କ ଉପରେ ବିପଦ ପଡୁ – ଏବଭଳି ମନୋଭାବ ମଧ୍ୟ ବହୁ ରାଜନେତାଙ୍କ ମଧ୍ୟରେ ଅଛି ଏବଂ ଅଫିସର କର୍ମଚାରୀମାନେ ମଧ୍ୟ କିଛି କିଟି ସୁବିଧା ହାସଲ କରୁଛନ୍ତି । ଆଉ ବିପନ୍ନ ଲୋକେ, ଚୁଡା, ଚାଉଳ, ଗୁଡ, ବିସ୍କୁଟ, ବ୍ଲିଚିଙ୍ଗ୍ ପାଉଡର, ହାଲୋଜେନ୍ ବଟିକାଟିଏ, କିଛି ଘରଭଙ୍ଗା ସାହାଯ୍ୟ ମିଳିଲେ – ଭାଗ୍ୟକୁ ଆଦରି ପଡିରହିଛନ୍ତି ।

ରାଜ୍ୟ ତଥା ଦେଶର ବାସ୍ତବ ଦୂରଦୃଷ୍ଟି ଥିବା ବୈଜ୍ଞାନିକ, ଇଞ୍ଜିନିୟର ଓ କାରିଗରୀ ଜ୍ଞାନକୌଶଳରେ ନିପୁଣ ତଥା ଜନଦରଦୀ ବ୍ୟକ୍ତିମାନଙ୍କୁ ନେଇ ଏବଂ ସବୁ ସ୍ଥାନରୁ ମତାମତ ସଂଗ୍ରହ କରି ଦୁଃଖିନୀ ଓଡିଶାକୁ ସୁଖସମୃଦ୍ଧିରେ ପରିପୂର୍ଣ୍ଣ କରିବା ପାଇଁ ପ୍ରବଳ ଇଚ୍ଛାଶକ୍ତି ଓ ସାଧୁତା ଥାଇ ନିଷ୍ଠାର ସହ ତୁରନ୍ତ ନଈ, ନାଳରୁ ବାଲି ପଟୁ ମାଟି ବାହାର କରିବା, ବନ୍ଧବାଡକୁ ମଜବୁତ୍ କରିବା - ଅଧିକ କେନାଲ, ଡ୍ୟାମ୍, ବନ୍ଧ ନିର୍ମାଣ କରିବା, ବନ୍ଧ କେନାଲ କଡେକଡେ ପ୍ରଚୁର ଗଛ ଲଗେଇବା ନିହାତି ଆବଶ୍ୟକ । ବିଶେଷକରି ମହାନଦୀକୁ ସବୁ ନଦୀ କେନାଲ ସହ ସଂଯୋଗ କରି ରିଭରଗ୍ରିଡ୍ ସୃଷ୍ଟି କରିବା ପ୍ରୟୋଜନ । ହୀରାକୁଦ ପାଣି ଛାଡିଲେ କିମ୍ବା ରେଙ୍ଗାଳି ପାଣି ଛାଡିଲେ ମହାନଦୀ, ବ୍ରାହ୍ମଣୀ ଦେଇ ଆସିଲାବେଳକୁ ଅନ୍ୟାନ୍ୟ ନଦୀ, ନାଳ ଦେଇ ଜଳ ଅତିବାହିତ ହେବ । ଯାହାଫଳରେ ବନ୍ୟାକୁ ପ୍ରଥମ ସ୍ତରରୁ ହିଁ ନିୟନ୍ତ୍ରଣ କରାଯାଇପାରିବ । ବର୍ଷା ଓ ବନ୍ୟାଜଳକୁ ବିଭିନ୍ନ ସ୍ଥାନରେ ସଂରକ୍ଷିତ କରାଯାଇ, ଜଳସେଚନର ବନ୍ଦୋବସ୍ତ କରିହେବ । ଓଡିଶାର ଦୁଃଖ ବନ୍ୟା କ୍ଷତି କରିବ ନାହିଁ କି ମରୁଡିର ଭୟ ଦେଖାଯିବ ନାହିଁ । ଏଥିପାଇଁ ଯେତେ ଟଙ୍କା ଖର୍ଚ୍ଚ ହେବ, ଆଦୌ କାଳ ବିଳମ୍ବ ନକରି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ବହନ କରିବା ଅବଶ୍ୟ କରଣୀୟ ନୁହେଁ କି ?


+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# ଆଦର୍ଶ ସନ୍ତାନ ଗଠନରେ ମାତା ମାନଙ୍କର ଭୂମିକା


ପ୍ରଦୀପ୍ତ ଆଚାର୍ଯ୍ୟ




ବିଜ୍ଞାନର ଅଗ୍ରଗତି ସାଙ୍ଗେ ସାଙ୍ଗେ, ଆଧୁନିକ ଯୁଗରେ ପିତା ମାତାଙ୍କ ନିକଟରେ ଆଦର୍ଶର ସଂଜ୍ଞା ମଧ୍ୟ ପରିବର୍ତନ ହୋଇଯାଇଛି। ଅଧିକାଂଶ ଅଭିଭାବକ ଭାବୁଛନ୍ତି ତାଙ୍କର ସନ୍ତାନ ଉଚ୍ଚଶିକ୍ଷା ଲାଭକରି, ଉଚ୍ଚ ବେତନ ପାଇ, ପାଶ୍ଚାତ୍ୟ ଶୈଳୀରେ ଜୀବନ ନିର୍ବାହ କରିଲେ ସେ ଆଦର୍ଶରେ ଗଣ୍ୟ। ସମାଜରେ ଏହି ଶ୍ରେଣୀୟ ଆଦର୍ଶ ବ୍ୟକ୍ତିତ୍ୱ ମାନେ ସେମାନଙ୍କର ଅହଂକାରୀ ଏବଂ ସ୍ୱାର୍ଥପର ମନୋଭାବରୁ ସାଧାରଣ ଲୋକଙ୍କ ଶ୍ରଦ୍ଧା ଭାଜନ ହୋଇ ପାରନ୍ତି ନାହିଁ। ପିତା ମାତା ମାନେ ମଧ୍ୟ ଏହି ଆଦର୍ଶ ସନ୍ତାନମାନଙ୍କର, ସେମାନଙ୍କ ପ୍ରତି ପ୍ରଦର୍ଶିତ ହେୟ ଆଚରଣରେ ଅସହାୟ। ଚୋର ମାଆ ଚୁପି ଚୁପି କାନ୍ଦିବା ଅବସ୍ଥା। ସୁବର୍ଣ୍ଣ ନିର୍ମିତ ପକ୍ଷୀଟିକୁ ସୁନା ପଂଜୁରୀରେ ରଖିଦେଲେ, ତାହା କେବଳ ଦର୍ଶନ ସୁଖ ପ୍ରଦାନ କରିପାରେ,ମାତ୍ର ତାର ସୁମଧୁର କାକଳୀ କେବେବି ଆମ କର୍ଣ୍ଣ ଗୋଚର ହେବ ନାହିଁ। ତେଣୁ ପ୍ରକୃତ ପକ୍ଷରେ ଜଣେ ନମ୍ର, ଉଦାର, ନିସ୍ୱାର୍ଥପର, ଏବଂ ସର୍ବୋପରି ଆଧ୍ୟାତ୍ମିକ ଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ସମାଜରେ ଆଦର୍ଶ ବ୍ୟକ୍ତି ରୂପେ ପରିଗଣିତ। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା ଏବଂ ଆତ୍ମ କୈନ୍ଦ୍ରିକ ମାନସିକତା, ଏହି ଆଦର୍ଶ ପଥର ପଥିକ ହେବାପାଇଁ ଅନେକାଂଶରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି। ନକରାତ୍ମକ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଗୋଟିଏ ପିଲାକୁ ଆଦର୍ଶ ରୂପେ ଗଢିବା ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟ କିନ୍ତୁ ସଂପୂର୍ଣ୍ଣ ଅସମ୍ଭବ ନୁହେଁ। ସର୍ବାଗ୍ରେ ମାତା ମାନଙ୍କର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶିଶୁ ମନସ୍ତତ୍ୱବିଦ୍ ମାନଙ୍କ ମତରେ, ଧମକପୂର୍ଣ୍ଣ ଶାସନ ଅପେକ୍ଷା ଶ୍ରଦ୍ଧାଜଡିତ ଶାସନ ପିଲାଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରାଇବା ପାଇଁ ଅଧିକ ଶକ୍ତିଶାଳୀ ମାର୍ଗ, ଯାହାକି ମାଆ ମାନଙ୍କର ଈଶ୍ୱର ଦତ ଗୁଣ। କିନ୍ତୁ ମାଆ ମାନେ କେତେ ପରିମାଣରେ ଶ୍ରଦ୍ଧା କରିବା ଉଚିତ୍ ତାହାର ମଧ୍ୟ ସୀମାରେଖା ନିର୍ଦ୍ଦିଷ୍ଟ। ନଚେତ୍ ଅବାଞ୍ଛିତ ଶ୍ରଦ୍ଧା ପିଲାଙ୍କୁ ଏକଜିଦିଆରେ ପରିଣତ କରାଇବା ଅସମ୍ଭବ ନୁହେଁ। ଅନେକ ମାଆଙ୍କର ଗୋଟିଏ ସାଧାରଣ ଅଭିଯୋଗ, ଆମ ପିଲା ଦୁଷ୍ଟ,ଆଉ ଅମାନିଆ। କିନ୍ତୁ ଏ ଗୁଣ ଗୁଡିକତ ପିଲାଙ୍କର ସହଜାତ। ସେମାନଙ୍କର ଦୁଷ୍ଟାମୀରୁ ଶିକ୍ଷା ପ୍ରଦାନ, ଜିଦ୍‌କୁ ସତ୍ ମାର୍ଗରେ ପରିଚାଳନା ଏବଂ ଅମାନିଆଙ୍କୁ ମନେଇବାର କୌଶଳ ମାଆ ମାନଙ୍କର ଦକ୍ଷତା ଉପରେ ନିର୍ଭର କରେ। ଯଦି ଜଣେ ଡାକ୍ତର ଗୋଟିଏ ଅସୁସ୍ଥ ପିଲାକୁ ଇଂଜେକ୍‌ସନ ଦେବାପାଇଁ ପରାମର୍ଶ ଦେଉଛନ୍ତି, କିନ୍ତୁ ପିଲାଟି ଇଂଜେକ୍‌ସନ ନନେବାକୁ ଜିଦ୍ କରୁଅଛି, ତେବେ ଏ କ୍ଷେତ୍ରରେ ଆମେ କଣ କରିବା ? ଡାକ୍ତରଙ୍କୁ ଫେରାଇଦେବା ନାଁ କଲେ ବଳେ ତାକୁ ଇଂଜେକ୍‌ସନ ଦିଆଇବା ? ଯଦି ଏ କ୍ଷେତ୍ରରେ ଆମେ ତା ଜିଦ୍‌କୁ ସମର୍ଥନ ନକରି ଉଚିତ୍ ପଦକ୍ଷେପ ନେଇ ପାରିବା, ତେବେ ଅନ୍ୟାନ୍ୟ ଅନାବଶ୍ୟକ ଜିଦ୍‌ରୁ ତାକୁ କାହିଁକି ନିବୃତ କରି ପାରିବା ନାହିଁ ?ଇତିହାସ କହେ ବହୁ ମହାମାନବଙ୍କ ସଫଳତାର ପଶ୍ଚାତ୍ ଭାଗରେ ସେମାନଙ୍କ ମାତା ମାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ ମାଆ ସନ୍ତାନ ମାନଙ୍କୁ ଆଦର୍ଶ ରୂପେ ଗଢିବା ପାଇଁ ଆବଶ୍ୟକୀୟ ବୈଷୟିକ କୌଶଳ ସମ୍ବନ୍ଧରେ ଅଜ୍ଞ । ତେଣୁ ଆଜି ଆମେ ମାଆ ମାନଙ୍କର କର୍ତବ୍ୟ ଏବଂ ଦାୟୀତ୍ୱ ବାବଦରେ ସମ୍ୟକ୍ ଆଲୋକପାତ କରିବା।

୧) ସର୍ବପ୍ରଥମେ ଏଥିପାଇଁ ମାଆ ମାନଙ୍କର ଅସୀମ ଧୈର୍ଯ୍ୟ ଦରକାର ଏବଂ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦକୁ କିୟଦାଂଶରେ ତ୍ୟାଗ କରିବା ଦରକାର।ଚପଳକତି ଶିଶୁର ବିକ୍ଷିପ୍ତ ମାନସିକତାକୁ ଆୟତ କରିବା ନିମନ୍ତେ ସ୍ନେହପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ ଏକାନ୍ତ ଆବଶ୍ୟକ, ଯାହାକି ଅସୀମ ଧୈର୍ଯ୍ୟ ବିନା ସମ୍ଭବ ନୁହେଁ। ୨) ମାଆ ମାନେ ନିଜର ମନୋରଂଜନ ପାଇଁ ଟିଭି ମୋବାଇଲ୍ ର ବ୍ୟବହାର, ରନ୍ଧନ କାର୍ଯ୍ୟରେ ଅତ୍ୟଧିକ ସମୟ ବିନିଯୋଗ ତଥା ପଡୋଶୀ ମାନଙ୍କ ସହିତ ଅଦରକାରୀ ଗଳ୍ପରୁ ନିବୃତ ରହି, ସର୍ବଦା ସେମାନଙ୍କର ଶିଶୁ ଉପରେ ତୀକ୍ଷଣ ନଜର ରଖିବା ଆବଶ୍ୟକ। ୩) ବିଷୟଗତ ଶିକ୍ଷା ସାଙ୍ଗରେ ନୈତିକ ଶିକ୍ଷା ଓ ଶାରୀରିକ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡିତ। ମନ ଏବଂ ଶରୀର ସୁସ୍ଥ ରହିଲେ ଗୋଟିଏ ଶିଶୁ ବିଷୟଗତ ଶିକ୍ଷାରେ ସଫଳତା ପାଇ ପାରିବ। ତେଣୁ ମାନସିକ ସୁସ୍ଥତା ପାଇଁ, ଆବଶ୍ୟକ ନୈତିକ ଶିକ୍ଷାର ପ୍ରାଥମିକ ଶିକ୍ଷକ ହେଲେ ମାଆ। ନମ୍ରତା, ଶାଳୀନତା, ଗୁରୁଜନମାନଙ୍କୁସମ୍ମାନ ପ୍ରଦର୍ଶନ, ସମୟାନୁବର୍ତୀତା, ଆତ୍ମନିର୍ଭରଶୀଳତା ପରି ନୈତିକ ଶିକ୍ଷା, ମାଆ ମାନେ କେବଳ ଉପଦେଶ ମାଧ୍ୟମରେ ନୁହେଁ, ନିଜେ ପାଳନ କରି ପିଲା ମାନଙ୍କୁ ଅଭ୍ୟସ୍ତ କରାଇବାକୁ ଚେଷ୍ଟିତ ହେବା ଉଚିତ୍। ସାଧାରଣତଃ ପିଲାମାନେ ଅନୁକରଣ ପ୍ରିୟ। କହୁଥିବା କାର୍ଯ୍ୟ ଅପେକ୍ଷା କରୁଥିବା କାର୍ଯ୍ୟ ସେମାନଙ୍କୁ ଅଧିକ ପ୍ରଭାବିତ କରିଥାଏ। ୪)ପିଲା ମାନଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ କରାଇବା ପାଇଁ ପ୍ରାର୍ଥନା ଏବଂ ପ୍ରଣାମ ପରି ଦୁଇଗୋଟି କାର୍ଯ୍ୟରେ ସେମାନଙ୍କୁ ଅଭ୍ୟସ୍ତ କରାଇବା ଉଚିତ୍। ମାଆ ମାନେ ପିଲା ମାନଙ୍କର ଭଗବତ୍ ସତା, ତଥା ଛୋଟ ଛୋଟ ଶିକ୍ଷଣୀୟ ପୌରାଣିକ ଗଳ୍ପ ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରାଇବା ଉଚିତ୍। ନିଜେ ଠାକୁର ଘରେ ପ୍ରାର୍ଥନା କରିବା ସମୟରେ ପିଲା ମାନଙ୍କୁ ଅଭ୍ୟସ୍ତ କରାଇବା ଆବଶ୍ୟକ। ।୫)ଗୁରୁଜନ ମାନଙ୍କ ପଦ ସ୍ପର୍ଶ କରି ପ୍ରଣାମ କଲେ, ସେମାନଙ୍କ ଅନ୍ତର ଭିତରୁ ଝରି ପଡିଥାଏ ଆବେଗ ଭରା ଆଶିର୍ବାଦ। ମାଆ ମାନେ,ଗୁରୁଜନଙ୍କୁ ପ୍ରଣାମ ପାଇଁ, ପିଲା ମାନଙ୍କୁ ପ୍ରବର୍ତାଇବା ପରିବର୍ତେ, ଗୁରୁଜନ ମାନଙ୍କୁ ନିଜେ ପ୍ରଣାମ କରିବା ଅଭ୍ୟାସ ଜାରି ରଖିଲେ ପିଲାଙ୍କୁ ଅଭ୍ୟସ୍ତ କରାଇବାକୁ ବିଶେଷ କଷ୍ଟ କରିବାକୁ ପଡିବ ନାହିଁ। ୬)ସନ୍ତୁଳିତ ସାତ୍ୱିକ ଆହାର ମନ ଏବଂ ଶରୀର ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଆଜିକାଲି ବଜାରରେ ଉପଲବ୍ଧ ଜଙ୍କ ଫୁଡ୍ ଶରୀର ପାାଇଁ କେତେ ମାରାତ୍ମକ ତାହା ଅନୁଭବ କରି, ପିଲା ମାନଙ୍କୁ ଏ ଅଭ୍ୟାସରୁ ନିବୃତ କରାଇବା ଆବଶ୍ୟକ। ତେଣୁ ମାଆ ମାନେ ପ୍ରଥମେ ନିଜର ଜିହ୍ୱା ଲାଳସାକୁ ଚରିତାର୍ଥ କରିବା ପାଇଁ, ନିଜ ଗୃହରେ ସ୍ୱାସ୍ଥକର ପରିବେଶ ମଧ୍ୟରେ ବିଭିନ୍ନ ପ୍ରକାର ସୁସ୍ୱଦୁ ଖାଦ୍ୟ ପ୍ରସ୍ତୁତ କରି ନିଜେ ଖାଆନ୍ତୁ ତଥା ପିଲା ମାନଙ୍କୁ ଖୁଆନ୍ତୁ। ୭)ପିଲା ମାନେ ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ କରିବା ଆବଶ୍ୟକ। ପିଲାଟି କେଉଁ ବିଷୟରେ ଦୁର୍ବଳ,କେଉଁଥିରେ ଭଲ କରୁଛି, ତାର ଦୈନନ୍ଦିନ ଅଭ୍ୟାସ ଚାଲିଚଳନ ବାବଦରେ ପିଲାଙ୍କ ଉପସ୍ଥିତିରେ ସେମାନଙ୍କ ସହିତ ଆଲୋଚନା କରିବା ଉଚିତ୍। କାରଣ ପ୍ରାୟତଃ ପିଲାମାନେ ପିତାମାତାଙ୍କ ଅପେକ୍ଷା ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ୮)ଯଦି କୌଣସି କାରଣ ବଶତଃ ପିଲା ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ଆଣନ୍ତି ତେବେ, ପିଲା ମାନଙ୍କ ଆଗରେ କେବେବି ଶିକ୍ଷକଙ୍କୁ ଗାଳିଗୁଲଜ କରିବା ଉଚିତ୍ ନୁହେଁ। ପିଲାଙ୍କୁ ଶିକ୍ଷାଦାନ କରୁଥିବା ଗୁରୁ ମାନଙ୍କୁ କୌଣସି ହାଲତ୍‌ରେ ଅସମ୍ମାନ କରିବା ଅନୁଚିତ୍।୯) ସାଧାରଣତଃ ଅଭିଭାବକ ମାନେ ପିଲା ମାନଙ୍କର ନବେଭାଗ ସଫଳତାକୁ ପ୍ରଶଂସା ନକରି ଦଶଭାଗ ବିଫଳତା ପାଇଁ ଦୋଷାରୋପ କରିଥାନ୍ତି। ଧରନ୍ତୁ ଜଣେ ପିଲା ପରୀକ୍ଷାରେ ସମସ୍ତ ବିଷୟରେ ଭଲଫଳ ପ୍ରଦର୍ଶନ କରି, ଗୋଟିଏ ବିଷୟରେ ଖରାପ କରି ଦେଇଛି, ଆମେ ତାକୁ ପ୍ରଥମେ ଖରାପ କରିଥିବା ବିଷୟ ପାଇଁ ଗାଳି ଆରମ୍ଭ କରିଦେଇଥାଉ। କିନ୍ତୁ ପ୍ରକୃତରେ ଭଲ କରିଥିବା ବିଷୟ ପାଇଁ ପ୍ରଥମେ ପ୍ରଶଂସା କରି, ଖରାପ କରିଥିବା ବିଷୟରେ ଅଧିକ ଭଲ କରିବା ପାଇଁ ପ୍ରୋତ୍ସାହନ ଦେବା ଉଚିତ୍। ୧୦)ଦାମ୍ପତ୍ୟ ଜୀବନରେ କଳହ ଅବଶ୍ୟମ୍ଭାବୀ, କିନ୍ତୁ ପିଲାମାନଙ୍କ ସମ୍ମୁଖରେ କେବେବି କଳହଲିପ୍ତ ହେବା ଅନୁଚିତ୍, ଯାହାକି ସେମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇବ। ୧୧) ଆମ୍ଭେ ପିଲାମାନଙ୍କ ଠାରୁ ଯେଉଁପରି ବ୍ୟବହାର ଓ କାର୍ଯ୍ୟ ଆଶା କରୁଅଛେ,ସେହିପରି ବ୍ୟବହାର ଓ କାର୍ଯ୍ୟ ତାଙ୍କ ସମ୍ମୁଖରେ ଅନ୍ୟ ମାନଙ୍କୁ ପ୍ରଦର୍ଶିତ କରିବା ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇପାରିବ। ସର୍ବ ଶେଷରେ ଗୋଟିଏ କଥା, ରୁଗ୍‌ଣ ସାମାଜିକ ବ୍ୟବସ୍ଥା ମଧ୍ୟରେ ଆମେ ଆମ ଶିଶୁ ମାନଙ୍କୁ କେତେ ଆଦର୍ଶ ରୂପେ ଗଢି ପାରିବା, ତାହା ଆମ ଧୈର୍ଯ୍ୟ, ନିଷ୍ଠା ଏବଂ କାର୍ଯ୍ୟ କୁଶଳତା ଉପରେ ନିର୍ଭର କରୁଅଛି।


+ ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ସେପ୍ଟେମ୍ବର ୮, ୨୦୨୦

# ଇଡ୍‌ଲି ଚିଲ୍ଲୀ

**ସାମଗ୍ରୀ:**
-ଇଡ୍‌ଲି ୧୨ ପିସ୍
-କଞ୍ଚାଲଙ୍କା: ୫-୬ଟା
-ରସୁଣ: ୨ଟା
-କ୍ୟାପ୍‌ସିକମ୍: ୧ ଟା
-ଭୁର୍ସୁଙ୍ଗା ପତ୍ର: ୧ ଡେଙ୍ଗ
-ଧନିଆ ପତ୍ର: ଅଳ୍ପ
-ପିଆଜ: ୪-୫ଟା
-ଚିଲ୍ଲୀସସ୍: ସ୍ୱାଦ ଅନୁଯାୟୀ
-ଟମାଟୋ ସସ୍: ସ୍ୱାଦ ଅନୁଯାୟୀ
-ସୋୟାସସ୍: ୧-୨ ଚାମଚ
-ଗୋଲମରିଚ ଗୁଣ୍ଡ: ୧-୨ ଚାମଚ
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ




**ପ୍ରଣାଳୀ:**
ପ୍ରଥମେ ଇଡ୍‌ଲିଗୁଡ଼ିକୁ ଛୋଟ ଛୋଟ ଖଣ୍ଡ ଆକାରରେ କାଟି ଦିଅନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲଦିଅନ୍ତୁ । ତେଲ ଗରମ ହେଲା ପରେ ସେହି ଇଡ୍‌ଲି ଖଣ୍ଡଗୁଡ଼ିକୁ ପକାଇ ହାଲ୍‌କା ଭାଜନ୍ତୁ । ଏପଟସେପଟ ଲେଉଟାଇ ବ୍ରାଉନ୍ ରଙ୍ଗ ହୋଇଗଲେ ସେଗୁଡ଼ିକୁ ଗୋଟିଏ ପାତ୍ରରେ କାଢ଼ି ଦିଅନ୍ତୁ । ତା' ପରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ ପିଆଜ, ରସୁଣ ଓ କଞ୍ଚାଲଙ୍କାକୁ କାଟି ପକାଇ ଭାଜନ୍ତୁ । ତା' ପରେ ସେଥିରେ ଭୁର୍ସୁଙ୍ଗ ପତ୍ରକୁ ପକାଇ ଭାଜନ୍ତୁ । ସେଗୁଡ଼ିକ ଭାଜି ହୋଇଗଲା ପରେ କ୍ୟାପ୍‌ସିକମ୍‌କୁ ଧୋଇ ଛୋଟ ଛୋଟ ଖଣ୍ଡ କାଟି ସେଥିରେ ପକାଇ ଭାଜନ୍ତୁ । କ୍ୟାପ୍‌ସିକମ୍ ହୋଇଗଲା ପରେ ଟମାଟୋ ସସ୍, ଚିଲ୍ଲୀସସ୍, ସୋୟାସସ୍ ପକାଇ ଗୋଳାଇ ଦିଅନ୍ତୁ । ଅଳ୍ପ ସମୟ ପରେ ଭଜା ହୋଇଥିବା ଇଡ୍‌ଲି, ଗୋଲମରିଚ ଗୁଣ୍ଡ, ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ । ଗୋଳେଇ ସାରିଲା ପରେ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ନିଜେ ଖାଇଇବା ସହିତ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।

# ରହସ୍ୟମୟ ମାରିଆନା ଟ୍ରେଞ୍ଚ

ସ୍ପେନର ରାଜା ଚତୁର୍ଥ ଫିଲିପ୍‌ଙ୍କ ପତ୍ନୀ ଥିଲେ ରାଣୀ ମାରିଆନା । ତାଙ୍କରରି ନାମ ଅନୁସାରେ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ନାମକରଣ କରାଯାଇଥିଲା ମାରିଆନା ଟ୍ରେଞ୍ଚ । ଷୋଡ଼ଶ ଶତାବ୍ଦୀରେ ସେଗୁଡ଼ିକ ଥିଲା ସ୍ପେନୀୟ ଉପନିବେଶ । ଉତ୍ତର ପ୍ରଶାନ୍ତ ମହାସାଗରର ପଶ୍ଚିମ ଅଂଶରେ ଏହି ଦ୍ୱୀପଗୁଡ଼ିକ ପ୍ରକୃତରେ ବୁଡ଼ି ରହିଥିବା ସୁପ୍ତ ଆଗ୍ନେୟଗିରିର ଚୂଡ଼ା । ଏହି ଦ୍ୱୀପପୁଞ୍ଜର ୨୦୦ କିମି ପୂର୍ବରେ ବିସ୍ତୃତ ବିଶ୍ୱର ଗଭୀରତମ ମହାସାଗରୀୟ ଖାଇ । ୨୫୫୦ କିମି ଦୀର୍ଘ ଏବଂ ୬୯ କିମି ଚଉଡ଼ା ଏହି ସାମୁଦ୍ରିକ ଖାଇର ନାମକରଣ ହୋଇଛି ନିକଟବର୍ତ୍ତୀ ଦ୍ୱୀପପୁଞ୍ଜର ନାଁ ଅନୁସାରେ । ଫଳରେ ଗଭୀରତମ ଖାଇ 'ମାରିଆନା ଟ୍ରେଞ୍ଚ'ର ପରିଚୟ ସହିତ ଯୋଡ଼ି ହୋଇ ଯାଇଛି ସ୍ପେନ୍‌ର ରାଣୀଙ୍କ ନାମ । ସମୁଦ୍ରବିଜ୍ଞାନୀମାନଙ୍କ ଅନୁସାରେ ଏହି ଗଭୀର ଖାଇର ଗଭୀରତମ ଅଂଶର ମାପ ୧୦,୯୮୪ ମିଟର । ମାରିଆନା ଟ୍ରେଞ୍ଚର ଗଭୀରତମ ଏହି ଅଞ୍ଚଳର ନାଁ ଦିଆଯାଇଛି ଚାଲେଞ୍ଜର ଡିପ୍ । ଏହାର ଗଭୀରତା ବୁଝାଇବା ପାଇଁ କୁହାଯାଏ ଯେ ଯଦି ମାଉଣ୍ଟ ଏଭରେଷ୍ଟ ଏହା ମଧ୍ୟରେ ବୁଡ଼ାଇ ଦିଆଯାଏ ତେବେ ତାହା ମଧ୍ୟ ସଂପୂର୍ଣ୍ଣ ଭାବେ ବୁଡ଼ିଯିବ । ଅର୍ଥାତ ପୃଥିବୀର ଉଚ୍ଚତମ ଶୃଙ୍ଗ ଠାରୁ ମଧ ଆହୁରି ବଡ଼ ଏବଂ ଗଭୀର ଏହି





ଗଭୀରତମ ଖାଇ । ମାରିମାନା ଟ୍ରେଞ୍ଚର ଶେଷ ସୀମାରେ ତାପମାତ୍ରା ୧ ଡିଗ୍ରୀରୁ ୪ ଡିଗ୍ରୀ ସେଲିସିୟମ ମଧ୍ୟରେ ଥାଏ । ଏହି ଅଂଶରେ ଜଳସ୍ତର ଚାପ ସ୍ୱାଭାବିକ ତୁଳନାରେ ଖୁବ୍ ତୀବ୍ର । ପ୍ରତି ବର୍ଗ ଇଞ୍ଚରେ ଏହି ଚାପର ପରିମାଣ ପ୍ରାୟ ୮ ଟନ୍ । ସମୁଦ୍ର ଗଭୀରରେ ସ୍ୱାଭାବିକ ବାୟୁମଣ୍ଡଳୀୟ ଚାପ ତୁଳନାରେ ଏହି ପରିମାଣ ପ୍ରାୟ ହଜାର ଗୁଣ ଅଧିକ । ମାରିମାନା ଟ୍ରେଞ୍ଚରେ ଗଭୀରତା ସହିତ ବୃଦ୍ଧି ପାଇଥାଏ ଜଳସ୍ତରର ଚାପ । ଆଜି ପର୍ଯ୍ୟନ୍ତ ମାଉଣ୍ଟ ଏଭରେଷ୍ଟ ଶୀର୍ଷରେ ଅସଂଖ୍ୟ ପର୍ବତରୋହୀଙ୍କ ପାଦ ପଡ଼ିଛି । କିନ୍ତୁ ମାରିଆନା ଟ୍ରେଞ୍ଚର ଗଭୀର ଖାଇ ମଧ୍ୟରେ ପହଞ୍ଚିଛନ୍ତି ଅଳ୍ପ କେତେଜଣ ଅଭିଯାତ୍ରୀ । ମାରିଆନା ଟ୍ରେଞ୍ଚର ଗଭୀର ଖାଇ ମଧ୍ୟରେର ଅଳ୍ପ କିଛି ସାମୁଦ୍ରିକ ଜୀବର ଅସ୍ତିତ୍ୱ ଥିବାର ପ୍ରମାଣ ମିଳିଛି । ମାରିଆନା ଟ୍ରେଞ୍ଚ ଭିତର ଅଂଶ ସଂପୂର୍ଣ୍ଣ ଅନ୍ଧାର । ସୂର୍ଯ୍ୟ ସଂପୂର୍ଣ୍ଣ ଶେଷ ପର୍ଯ୍ୟନ୍ତ ପହଞ୍ଚି ପାରୁ ନଥିବାରୁ ଗଭୀର ଖାଇ ମଧ୍ୟରେ ଜୀବସତ୍ତାର ଅସ୍ତିତ୍ୱ ନାହିଁ ।

## ସାମାଜିକ ପରିବ୍ୟାପ୍ତି ମସ୍ତିଷ୍କର ଆକାର ସହିତ ସମାନ

ଆପଣ କେବେ କଳନା କରିଛନ୍ତି କି ଆପଣଙ୍କର ମସ୍ତିଷ୍କର ଆକାର କେତେ ହୋଇଥିବ କିମ୍ବା ଏହା ଭିତରେ ତେତେ ଡାଟା ଷ୍ଟୋର ହୋଇ ରହିପାରିବ । ଆପଣ ବୋଧେ ଏହା ଜାଣି ନଥିବେ ଯେ ଜଣଙ୍କ ମସ୍ତିଷ୍କର ଆକାର ତାହାର ସାମାଜିକ ସମ୍ପର୍କ ଓ ପରିବ୍ୟାପ୍ତି ସହିତ ସମାନ । ସିଏ ଯେତେ ସାମାଜିକ ସମ୍ପର୍କରେ ବନ୍ଧା, ତାହାର ମସ୍ତିଷ୍କ ସେତେ ଉନ୍ନତ ବା ଆକାର ଅନୁସାରେ ସେତେ ବଡ଼ । ସେଥିପାଇଁ କୁହାଯାଏ, ଯେଉଁମାନେ ସାମାଜିକ କ୍ଷେତ୍ରରେ ଅନେକ ଲୋକଙ୍କ ସହିତ ଜଡ଼ିତ, ସେମାନଙ୍କର ଆଇକ୍ୟୁ ସେତେ ଅଧିକ । କାରଣ ସାମାଜିକ କ୍ଷେତ୍ରରେ ଅନେକ ଲୋକଙ୍କ ସହିତ ମିଶିବା ବା ସେମାନଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ଦ୍ୱାରା ମସ୍ତିଷ୍କ ଉନ୍ନତି ହେବା ସହିତ ସେତେ ପରିପକ୍ୱ ବି ହୋଇ ପାରିବ ।



## ଗୁରୁ-ଚେଲା ଆପ୍

ଶାଶୁ ବୋହୂଙ୍କ ଯୋଡ଼ିକୁ ସାଧାରଣତଃ ସମସ୍ତେ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି । କିନ୍ତୁ ଝାଡ଼ଖଣ୍ଡ ଧାନ୍‌ବାଦର ଏକ ଶାଶୁ ବୋହୂ ଯୋଡ଼ି ଏବେ ତିଆରି କରିଛନ୍ତି ଗୁରୁ ଚେଲା ଆପ୍, ଯେଉଁଥି ପାଇଁ ଜୋରଦାର ଚର୍ଚ୍ଚା ହେଉଛି । ଧାନ୍‌ବାଦର ଘୋୟା ନିବାସୀ ୭୦ ବର୍ଷୀୟା ମନୋରମା ସିଂହ ଓ ୩୨ ବର୍ଷୀୟା ଶ୍ୱାତୀ କୁମାର ମିଳିତଭାବେ ତିଆରି କରିଛନ୍ତି ଗୁରୁ ଚେଲା ଆପ୍ । ଏହି ଆପ୍ ମାଧ୍ୟମରେ ଶିକ୍ଷକଙ୍କ ସହିତ ଛାତ୍ରଛାତ୍ରୀମାନେ ଯୋଗାଯୋଗ ରକ୍ଷା କରିପାରିବେ । ଉଭୟ ଏହି ଆପରେ ରେଜିଷ୍ଟର କରି ଆବଶ୍ୟକ ଅନୁସାରେ ଅନ୍‌ଲାଇନ୍ କ୍ଲାସ୍ କରିବାର ସୁଯୋଗ ପାଇଥାନ୍ତି । ବିଭିନ୍ନ ପ୍ରକାରର ସ୍କୁଲ ଶିକ୍ଷାଠାରୁ ଆରମ୍ଭ କରି ଇଞ୍ଜିନିୟରିଂ, ୟୁପିଏସ୍‌ସି, ଗୀତ, ସଙ୍ଗୀତ, ଗୋଗ ଆର୍ଟ ଆଦି ବିଭିନ୍ନ ବିଭାଗର ଶିକ୍ଷକ ସହଜରେ ମିଳି ଯାଇଥାନ୍ତି । ତେଣୁ ଏହି ଆପ୍ ମାଧ୍ୟମରେ ଏବେ



ବହୁ ଲୋକ ନିଯୁକ୍ତି ପାଇ ରୋଜଗାର କରିପାରୁଛନ୍ତି । ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ବିଭାଗର ଛାତ୍ର ଏହି ଆପ୍ ମାଧ୍ୟମରେ ପାଠ ପଢ଼ିବାର ବି ସୁଯୋଗ ପାଇଛନ୍ତି । ଲକ୍‌ଡାଉନ୍ ସମୟରେ ପିଲାମାନେ ପାଠ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହ କେତେକ ସ୍ଥାନରେ ଗୁରୁମାନେ ବି ରୋଜଗାର ହରାଇଛନ୍ତି । ଏ କଥାକୁ ଅନୁଭବ କରିବା ପରେ ମନୋରମା ଏବଂ ଶ୍ୱାତୀ ପ୍ରଥମେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସହିତ ଫୋନ୍ ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରିଥିଲେ । ଏହାପରେ ଅଧିକ ଲୋକଙ୍କୁ ଏହି ମାଧ୍ୟମରେ ଯୋଡ଼ିବା ପାଇଁ ଉଭୟ ଏକ ଆପ୍ ତିଆରି କରିବାର ନିଷ୍ପତ୍ତି ନେଇଥିଲେ । ପ୍ଲେ ଷ୍ଟୋରରେ ଏହି ଗୁରୁ ଚେଲା ଆପ୍ ଉପଲବ୍ଧ ହେଉଛି । ଡାଉନଲୋଡ୍ କରିବା ପରେ ଏଥିରେ ରେଜିଷ୍ଟ୍ରେଶନ୍ କରିବାକୁ ପଡ଼ିଥାଏ । ଏହା ପରେ ଆପ୍‌ରେ ବିକଳ୍ପ ଅନୁସାରେ ଚୟନ କରିବା ପରେ ସମସ୍ତ ସୂଚନା ମିଳିପାରିବ । ଲକ୍‌ଡାଉନ୍ ସମୟରେ ଏହି ଆପ୍ ଏବେ ଏତେ ଲୋକପ୍ରିୟ ହେଲାଣି ଯେ ଏଥିପାଇଁ ହିଁ ଶାଶୁ ବୋହୂଙ୍କ ଯୋଡ଼ିକୁ ନେଇ ଚର୍ଚ୍ଚା ମଧ ହେଉଛି ।

# ମସଲାର ଯତ୍ନ



**ବର୍ଷାଦିନେ ମସଲା ବେଶିଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହୁନି କି । ଏହା ଗେଟା ଗେଟା ହୋଇଯାଏ । ଚିନ୍ତା କାହିଁକି ? କିଭଳି ବର୍ଷାଦିନେ ମସଲାକୁ ସୁରକ୍ଷିତ ରଖିବା ଆସନ୍ତୁ ଜାଣିବା ।**

- ବର୍ଷାଦିନେ ଯେତେସମ୍ଭବ ମସଲାକୁ ଶୁଖିଲା ସ୍ଥାନରେ ରଖନ୍ତୁ । କାରଣ ବର୍ଷାଦିନେ ମସଲାରେ ଜଳୀୟବାଷ୍ପ ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଖରାପ ହୋଇ ଗେଟାଗେଟା ହୋଇଯାଏ । ଫିମ୍ପି ମାରିବା ସହ ଏଥିରେ ପୋକ ଲାଗିଯାଏ ।
- ଖରା ପଡୁଥିବା ଜାଗାରେ କି ବେଶି ଉଷୁମ ଥିବା ଜାଗାରେ ମସଲାକୁ ରଖନ୍ତୁ ନାହିଁ ।




ସାଧାରଣତଃ ମସଲାକୁ ଶୁଖିଲା ରଖିବା ଭାବି ଏହାକୁ ବେଶି ଆଲୁଅ ପଡୁଥିବା ଜାଗାରେ ରଖିଦେଇଥାଉ । ଯାହାକି ମସଲାକୁ ଆହୁରି ଖରାପ କରିଦିଏ ।

- ଫ୍ରିଜରେ ଆମେ ଯାହାବି ରଖିଲେ ଏହା ଖରାପ ହୋଇ ନଥାଏ । ଆଉ ଏହାକୁ ଆମେ ବେଶିଦିନ ପର୍ଯ୍ୟନ୍ତ ବ୍ୟବହାର କରିଥାଉ । ଏହାଭାବି ଆମେ ଫ୍ରିଜରେ ମସଲାକୁ ମଧ୍ୟ ରଖିଦେଇଥାଉ । କିନ୍ତୁ ଫ୍ରିଜରେ ମସଲା ରଖିବା ଦ୍ୱାରା ଏହା ନିଜର ସ୍ୱାଦ ହଜାଇଦିଏ । ଯଦି ଫ୍ରିଜରେ ରଖିବେ ଏହାକୁ ଭଲ ଭାବରେ ଏକ ପ୍ଲାଷ୍ଟିକ୍ ଡବାରେ ବନ୍ଦ କରି ରଖନ୍ତୁ । ଏଭଳି ବନ୍ଦ କରନ୍ତୁ ଯେ ଯେପରି ଏହା ମଧ୍ୟକୁ ବାୟୁ ପ୍ରବେଶ କରିପାରୁନଥିବ ।
- ବର୍ଷାଦିନେ ଯେତେ ସମ୍ଭବ ଘରେ ଗୋଟା ଏବଂ ଦାନା ଯୁକ୍ତ ମସଲା ରଖନ୍ତୁ । ଦରକାର ସମୟରେ ଏହାକୁ ପେଶି ଗୁଣ୍ଡକରି ବ୍ୟବହାର କରନ୍ତୁ । ଏହାଛଡ଼ା ଦାନା ଥିବା ମସଲା ଦୋକାନରେ ମିଳୁଥିବା ପ୍ୟାକେଟ ମସଲାଠାରୁ ବେଶିଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ ।

# ବିଦ୍ୟୁତ ସଞ୍ଚୟର ବାର୍ତ୍ତା ଦେଉଥିବା ହୋଟେଲ

ସହରର ଏକ ପଞ୍ଚତାରକା ହୋଟେଲ ସେରେଟନ୍ ରିସୋର୍ଟସ୍ ପ୍ରତି ମାସର ୨୮ ତାରିଖରେ ଏକ ଘଣ୍ଟା ରାତି ସାଢ଼େ ଆଠଟାରୁ ସାଢ଼େ ନ'ଟା ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର ବନ୍ଦ କରି 'ଆର୍ଥ ଆୱାର' ଅଭିଯାନ ପରି ବିଦ୍ୟୁତ ସଞ୍ଚୟର ବାର୍ତ୍ତା ପ୍ରଦାନ କରୁଛି । କେବଳ ସେତିକି ନୁହେଁ ସେମାନେ ଆଖାପାଖର ବ୍ୟକ୍ତିମାନଙ୍କୁ ଏଭଳି କାର୍ଯ୍ୟରେ ସହଯୋଗ ତଥା କାର୍ଯ୍ୟକାରୀ କରିବାକୁ ମଧ୍ୟ ଅନୁରୋଧ କରିଛି । ଏହି ବିଦ୍ୟୁତ କାଟବେଳେ ହୋଟେଲରେ ରହିଥିବା ଅତିଥିମାନଙ୍କୁ ଟେରେସ୍ ଉପରେ ନିଃଶୁଳ୍କ କ୍ୟାଣ୍ଡେଲର ଲାଇଟ୍ ଡିନର ପାଇଁ ଆମନ୍ତ୍ରଣ କରାଯାଏ । ସେଠାରେ ଘଣ୍ଟାକ ପାଇଁ ଅତିଥି ମାନେ ମହମବତୀ ଆଲୋକରେ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥାନ୍ତି । ପରିବେଶ ସଂରକ୍ଷଣ ତଥା ବିଦ୍ୟୁତ ବଞ୍ଚାଅ ଅଭିଯାନକୁ 'ଆର୍ଥ ଆୱାର' ବା 'ପୃଥ୍ୱୀ ଘଣ୍ଟା' ନାମରେ ନାମିତ କରାଯାଇଛି । ୨୦୦୭ ମସିହାରେ ସିଡ୍‌ନୀ (ଅଷ୍ଟ୍ରେଲିଆ)ରେ ପ୍ରାୟ ଦୁଇ ଲକ୍ଷ ଲୋକ ଘଣ୍ଟାକ ପାଇଁ ବିଦ୍ୟୁତ ବ୍ୟବହାର ବନ୍ଦ କରି 'ଆର୍ଥ ଆୱାର' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଭାରତ ସମେତ ୮୭ଟି ଦେଶର ପ୍ରାୟ ୪ ହଜାର ୧୦୦ଟି ସହର ଏହି ଅଭିଯାନରେ ସାମିଲ ହୋଇ ସାରିଛନ୍ତି ।





# ମଧୁର ଜଳ ମାଛ ଚାଷ

ପୋଖରୀର ଏକ ହେକ୍ଟର ପ୍ରତି ୪୦୦୦ ଅଙ୍ଗୁଳିକା ଯାଆଁଳ କିମ୍ବା ବର୍ଷିକିଆ ଯାଆଁଳ ଛାଡ଼ନ୍ତୁ । ରୋହି, ଭାକୁର ଓ ମିରକାଳିର ଅନୁପାତ ୪୦:୩୦:୩୦ ରଖନ୍ତୁ । ଖାଦ୍ୟ ଦେବା ପାଇଁ ମୁଣା ବ୍ୟବହାର କରନ୍ତୁ । ଏହା ଦ୍ୱାରା ଖାଦ୍ୟ ଖାଇବାର ପ୍ରକ୍ରିୟା, ହାର ଓ ଅନୁପାତ ଜଣାପଡ଼େ । ନିୟମିତ ଜାଆଁଳ ସଂଗ୍ରହ କରି ବୃଦ୍ଧି ଓ ବଞ୍ଚିବା ହାର ଦେଖନ୍ତୁ । ଏହି ସମୟରେ ପୋଖରୀରେ ଜଳ ପରିଚାଳନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ପାଣିରେ ଅମ୍ଳଜାନ ୭ ରୁ ୮.୫ ମଧ୍ୟରେ ରହିବା ଦରକାର । ଏଥିପାଇଁ ପିଏଚପେପର ବ୍ୟବହାର କରନ୍ତୁ । ଜଳର ଗୁଣ ପାଇଁ ତଳ ମାଟିରେ ଯତ୍ନ ନିଅନ୍ତୁ । ମଝିରେ ମଝିରେ କଳା ମାଟି ଓ ପଚାଶଢ଼ା ପଦାର୍ଥ କାଢ଼ିଦିଅନ୍ତୁ । ଚୂନ ପକାନ୍ତୁ । ରୋଗ ନିରାକରଣ ପାଇଁ ଏକର ପ୍ରତି ୪୦୦ ମିଲି ସଫାକସ ଛଅମାସ ଅନ୍ତରରେ ପ୍ରୟୋଗ କରନ୍ତୁ ।



# ତରଳୁ ନଥିବା ଆଇସକ୍ରିମ !

ଅନଲାଇନରେ ମିଳିବ ତରଳୁ ନଥିବା ଆଇସକ୍ରିମ । ଗୋଟିକ ପ୍ରତି ମୂଲ୍ୟ ଭାରତୀୟ ମୁଦ୍ରାରେ ଚାରିଶହ ଟଙ୍କା ଭିତରେ ରହିବ । ଏହାର ନାମ 'ଗାଷ୍ଟ୍ରୋନଟ ଆଇସକ୍ରିମ' । ଏହା ମାର୍କିନ ନାଗରିକ ରବ କଲିଂଟନଙ୍କ ଦ୍ୱାରା ବିକଶିତ । ବ୍ୟବସାୟିକ ଉତ୍ପାଦନ ସେ ନିଜସ୍ୱ ସଂସ୍ଥା ଦ୍ୱାରା ଆରମ୍ଭ କରିସାରିଲେଣି । ବ୍ରୁକ୍‌ଲିନ୍ ଓ ନିଉ ଚକଲେଟ ଚିପ୍, କୁକିଜ୍ ଅଣ୍ଡ କ୍ରିମ ଓ ମିଣ୍ଟ୍ ଚକଲେଟ ଚିପ୍) ରେ ମିଳୁଛି । ତରଳୁ ନଥିବା ଆଇସକ୍ରିମ ସଂପୂର୍ଣ୍ଣ ଜୈବ । ଏଥିରେ କୌଣସି ଧରଣର କୃତ୍ରିମ ଉପାଦାନ ମିଶାଯାଉ ନଥିବା ପ୍ରକାଶ । ଫ୍ରିଜ ଡ୍ରଇଂ ପଦ୍ଧତିରେ ଏହା ବିକଶିତ କରିଛନ୍ତି ରବ୍ । ଏହି ପଦ୍ଧତିରେ ପ୍ରଥମେ ଖାଦ୍ୟର ହିମକରଣ ହୁଏ । ଦ୍ୱିତୀୟ ପର୍ଯ୍ୟାୟରେ ଶକ୍ତିଶାଳୀ ଭାକ୍ୟୁମ ଦ୍ୱାରା ସଂପୂର୍ଣ୍ଣ ଭାବେ ବାୟୁମୁକ୍ତ କରାଯାଏ । ତାହାପରେ ଉତ୍ତପ୍ତ କରାଯାଏ । ଫଳରେ ହିମଳ ତରଳ ପଦାର୍ଥ ବାଷ୍ପ ଆକାରରେ ବାହାରିଯାଏ । ଶେଷରେ ବାୟୁନିରୋଧୀ ପ୍ୟାକିଂ କରାଯାଏ ।



# ଗଜପତି ଜିଲ୍ଲାରେ ୨୮୦୧ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି

## ୭୬ ଚିକିତ୍ସାଧିନ, ୬୧ ହୋମ୍ ଆଇସୋଲେସନରେ

ପାରଳାଖେମୁଣ୍ଡ,୭।୯ (ନି.ପ୍ର): ଗଜପତି ଜିଲ୍ଲାକୁ ସେପ୍ଟେମ୍ବର ୫ ତାରିଖ ସୁଦ୍ଧା୧୫ ହଜାର ୮୧୯ ଜଣ ପ୍ରବାସୀ ଫେରିଛନ୍ତି । ସମ୍ପ୍ରତି ଜିଲ୍ଲାରେ ୧୧ଟି ଅସ୍ଥାୟୀ କ୍ୱାରେଂଟାଇନ ସେଂଟର କାର୍ଯ୍ୟ କରୁଛି । ୭୯ ଜଣ ବର୍ତ୍ତମାନ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହୁଛନ୍ତି । ୧୫ ହଜାର ୭୪୦ ଜଣ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହି ସାରିଛନ୍ତି ।ସେହିପରି ୧୪ ହଜାର ୩୭୬ ଜଣ ନିଜ ନିଜର କ୍ୱାରେଂଟାଇନ ଅବଧି ଶେଷ କରିବା ପରେ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ସରକାରୀ ସହାୟତା ପ୍ରଦାନ କରାଯାଇଛି । ୨୭୦୧୫ ଜଣଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି । ୨୬୫୩୬ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି । ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ୍ ପଜିଟିଭ୍ କେସ୍ ସଂଖ୍ୟା ୨୯୫୭ ରହିଛି । ୭୬ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର୍ ସେଂଟରରେ ଚିକିତ୍ସାଧିନ ରହିଛନ୍ତି । ୬୧ ଜଣ ହୋମ୍ ଆଇସୋଲେସନରେ ରହିଛନ୍ତି । ୨୮୦୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ଅନୁରୂପ ଭାବେ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୮ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

# ବାବା ଶ୍ରୀଶ୍ରୀ ବଳଗଣ୍ଡେଶ୍ୱର ଭାଗବତଟୁଙ୍ଗିର ଷଷ୍ଠ ବାର୍ଷିକୋତ୍ସବ ପାଳିତ

ବାରିପଦା,୭।୯ (ନି.ପ୍ର): ବାରିପଦା ସହରର ବଡ଼ବଜାରସ୍ଥିତ ବାବା ଶ୍ରୀଶ୍ରୀ ବଳଗଣ୍ଡେଶ୍ୱର ମନ୍ଦିର ପରିସରରେ ଭାଗବତ ଜନ୍ମ ଉପଲକ୍ଷେ ଭାଗବତଟୁଙ୍ଗିର ଷଷ୍ଠ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିରର ପୂଜକ ଗୌରୀଶଙ୍କର ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା । ଏଥି ସହିତ ଶ୍ରୀମଦ୍ ଭାଗବତଙ୍କ ଆବିର୍ଭାବ ଓ ଭାଗବତଟୁଙ୍ଗିର ମହାତ୍ମ ସମ୍ପର୍କରେ ମାନସ ଶେଖର ଭାଗବତ ପଣ୍ଡା ବିଶଦ ଭାବେ ଆଲୋକପାତ କରାଇଥିଲେ । କରୋନା ମହାମାରୀ ମାଗଦର୍ଶୀକାକୁ ଦୃଷ୍ଟିରେ ରଖି ସଭାପତି ଅଚ୍ୟୁତ ପ୍ରସାଦ ମହାପାତ୍ର, ସମ୍ପାଦକ ସନ୍ତୋଷ ପାତ୍ର, ହରେକୃଷ୍ଣ ପସା, ଅମ୍ବିକା ପସା, ନରୋତମ ପାଣିଗ୍ରାହୀ, ଉମାକାନ୍ତ ମହାପାତ୍ର, ଅରବିନ୍ଦ ରଥ, ଅଶୁତୋଷ ଆଚାର୍ଯ୍ୟ, ସିଦ୍ଧେଶ୍ୱର ରଣା, ପ୍ରବୀର ସାହୁ, ଭଗବତୀ ଦାଶ, କବିତା ସିଂ, ବାସନ୍ତୀ ପସା, ସୁରେଖା ପାତ୍ର, ରିକା ପଣ୍ଡା, ସୁମନ ପାଣିଗ୍ରାହୀ, ସମୀକ୍ଷା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।

# ମାଲକାନଗିରି ଜିଲ୍ଲାରେ ପଞ୍ଜିକୃତ ବେକାରଙ୍କ ସଂଖ୍ୟା ୧୦ହଜାର

ମାଲକାନଗିରି,୭।୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ୧୦ ହଜାର ଶିକ୍ଷିତ ବେକାରଙ୍କ ନାମ ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜିକରଣ କରାଯାଇଥିବା ଜଣାପଡିଛି । ସେଥିମଧ୍ୟରୁ ଅଣ୍ଡର ମାଟ୍ରିକ ୪୦୬ଜଣ,ମାଟ୍ରିକ ୩୦୬୪ଜଣ, +୨ ପାଶ ପ୍ରାର୍ଥି ୩୮୨୨ଜଣ,ଗ୍ରାଜୁଏଟ୍ କଳା ୧୨୭୫ ଜଣ,ଗ୍ରାଜୁଏଟ୍ ବିଜ୍ଞାନ ୨୬୮ ଜଣ,ଗ୍ରାଜୁଏଟ୍ ବାଣିଜ୍ୟ ୧୫୯ ଜଣ,ବିବିଏ ୬ ଜଣ,ବିସିଏ ୧୪ ଜଣ,ଡିପ୍ଲୋମା ୧୫୦ ଜଣ, ଆଇଟିଆଇ ୨୬୮ ଜଣ,ସିଟି ପ୍ରଶିକ୍ଷଣ ୧୧୮ ଜଣ ପ୍ରାର୍ଥ ନାମ ପଞ୍ଜିକରଣ କରିଛନ୍ତି । ପୁରୁଷ ୬୭୭୩ ଜଣଏବଂ ମହିଳା ୩୪୦୯ ଜଣଙ୍କ ନାମ ପଞ୍ଜିକରଣ ହୋଇଛି । ମାଲକାନଗିରି ଜିଲ୍ଲାର ମୋଟ ଶିକ୍ଷିତ ପ୍ରାର୍ଥି / ପ୍ରାର୍ଥିନୀ ୯୬୫୭ ଜଣଙ୍କ ମଧ୍ୟରୁ ସାଧାରଣ ବର୍ଗର ୨୭୪୫ ଜଣ,ଏସସି ବର୍ଗର ୩୩୮୪ ଜଣ,ଏସଟି ବର୍ଗର ୩୫୧୬ ଜଣ ନାମ ପଞ୍ଜିକୃତ କରିଛନ୍ତି । ସେହିପରି ଅର୍ଦ୍ଧ ଶିକ୍ଷିତ ୪୯୦ ଜଣ ନାମ ପଞ୍ଜିକରଣ କରିଥିବା ବେଳେ ସାଧାରଣ ବର୍ଗରୁ ୧୦୭ ଜଣ,ଏସସି ବର୍ଗରୁ ୧୯୫ ଜଣ ଏବଂ ଏସଟି ବର୍ଗରୁ ୨୩୫ ଜଣ ନାମ କର୍ମ ନିୟୋଜନ ସଂସ୍ଥାରେ ନାମ ପଞ୍ଜିକରଣ କରିଛନ୍ତି । ସବୁ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଘୋର ଅଭାବ ଦେଖା ଦେଇଛି । ତେବେ ପଦବୀ ଉଚ୍ଛେଦ କରିବାରେ ସରକାର ଚକ୍ରାନ୍ତ ଚଳାଇଥିବା ବେଳେ ନୂତନ ନିଯୁକ୍ତି ସମ୍ଭାବନା ଶୂନ୍ । ଏଣେ ନୈରାସ୍ୟ ଅନ୍ଧକାର ମଧ୍ୟରେ ଶିକ୍ଷିତ ଯୁବକ ଯୁବତୀଙ୍କ ଭବିଷ୍ୟତ ।

# ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୬୯ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୭।୯ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୬୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୮୦ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୭।୯ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୮୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୯୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଫିରିଙ୍ଗିଆରେ ବ୍ଲକ ସ୍ତରୀୟ ସାମ୍ବାଦିକ ସଂଘ ଗଠିତ

କନ୍ଧମାଳ,୭।୯ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆରେ ବ୍ଲକ ସ୍ତରୀୟ ସାମ୍ବାଦିକ ସଂଘ ଗଠିତ ହୋଇଯାଇଛି । ଏଥିରେ ଫିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ.ଜେ.ସାଇରଜତ, ଫିରିଙ୍ଗିଆ ଥାନାର ଏସଆଇ ଦସରଥ ହେମ୍ବ୍ରମ,ଫିରିଙ୍ଗିଆ ପଂଚାୟତ କଲେଜର ଅଧ୍ୟକ୍ଷ ନବଘନ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବରେ ଓଡିଶା ସାମ୍ବାଦିକ ୟୁନିୟନ୍ (ଓୟୁଜେ)ର କନ୍ଧମାଳ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରା ଓ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକର ସମସ୍ତ ସାମ୍ବାଦିକ ଯୋଗ ଦେଇଥିଲେ । ଅଶୋକ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଫିରିଙ୍ଗିଆର ବରିଷ୍ଠ ସାମ୍ବାଦିକ ମହାଦେବ ସାହୁଙ୍କୁ ଉପଦେଷ୍ଟା ଭାବରେ ସର୍ବ ସମ୍ମତିରେ ଚୟନ କରାଯାଛି । ସହେିପରି ଫିରିଙ୍ଗିଆ ବ୍ଲକର ସାମ୍ବାଦିକ ସଂଗଠନର ସଭାପତି ଭାବରେ ସୁବ୍ରତ କୁମାର ମହାନ୍ତିଙ୍କୁ ଚୟନ କରା ଯାଇଥିବାବେଳେ ଉପ-ସଭାପତି ଭାବେ ଆଲୋକଚନ୍ଦ୍ର ନାୟକ ଓ ମନୋଜ କୁମାର ସାହୁ, ସମ୍ପାଦକ ଭାବରେ ଉତମ କୁମାର ଖମାରୀ,ସହ ସମ୍ପାଦକ ରାଜକିଶୋର ସାହୁ, କୋଷାଧ୍ୟକ୍ଷ ଭାବରେ ହରପ୍ରସାଦ ସାମନ୍ତ, କାର୍ଯ୍ୟକାରୀ ସଦସ୍ୟ ଭାବରେ ସଦାନନ୍ଦ ରଥ ଓ ହୁରଞ୍ଜନ ସେଠାଙ୍କୁ ଚୟନ କରାଯାଇଛି । କାର୍ଯ୍ୟକ୍ରମରେ ସାମ୍ବାଦିକ ମହାଦେବ ସାହୁଙ୍କୁ ନୂତନ ଭାବରେ ଆରମ୍ଭ ହୋଇଥିବା ଏସ.ଏନ.ନ୍ୟୁଜ ପାଇଁ ୩ଟି ଜିଲ୍ଲାର ଦାୟୀତ୍ୱ ପ୍ରଦାନ କରାଯାଇଥିବାରୁ ତାଙ୍କୁ ଫିରିଙ୍ଗିଆ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଫିଙ୍ଗିଆ ଅଂଚଳର ଜଣେ ଚା ଦୋକାନୀ ହୋଥିଲେ ହେଁ ଲୋକଙ୍କ ପାଖରେ ସମସ୍ତ ଖବର ପହଂଚାଇବାରେ ଅତ୍ୟନ୍ତ ଆଗ୍ରହ ଯୋଗୁଁ ଫିରିଙ୍ଗିଆ ଅଂଚଳରେ ଏବଂ ଆଖପାଖରେ ଚର୍ଚ୍ଚିତ ସରୋଜ କୁମାର ଚର୍ଚ୍ଚାଙ୍କୁ ମଧ୍ୟ ତାଙ୍କର ଖବର ପ୍ରସାରଣରେ ରଚି ଯୋଗୁଁ ତାଙ୍କୁ ସେଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ଖବର କାଗଜରେ ବାହାରିଥିବା ଚର୍ଚ୍ଚିତ ଖବର ଗୁଡିକୁ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରୁଥିବା ଫିରିଙ୍ଗିଆ ଅଂଚଳର ବିଶ୍ୱଜିତ ସେନାପତିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ସେହିପରି ଫିରିଙ୍ଗିଆ ପଂଚାୟତ କଲେଜର ଉପାଧ୍ୟକ୍ଷ ତଥା ଅଂଚଳର ଜଣେ ସୁନାମଧନ୍ୟ ସମାଜସେବୀ ଭାବରେ ପ୍ରଦୀପ କୁମାର ମହାପାତ୍ର, ଓୟୁଜେ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରା ଓ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତିଙ୍କୁ ମଧ୍ୟ ସେଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଭାପତି ପ୍ରଶାନ୍ତ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଚୋରା ମଦ ଜବତ, ଜଣେ ଗିରଫ

ଭଦ୍ରକ, ୦୭/୯ (ହି.ସ.) – ଧାମନଗର ବ୍ଲକ ଅର୍ଜୁନପୁର ପଂଚାୟତ ତରେଇସାହି ଠାରେ ଚୋରା ମଦ ବିକ୍ରି ହେଉଥିବା ଖବରପାଇ ଗତକାଲି ରାତିରେ ଧୁଷୁରୀ ଥାନା ଏସଆଇ ମହାପ୍ରସାଦ ନାୟକ ସେଠାରେ ଚଢଉ କରିଥିଲେ । ଗ୍ରାମର ପର୍ଶୁରାମ ମାଝି ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ପୁଲିସ ତାଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ବିପୁଳ ପରିମାଣର ଚୋରା ମଦ ଜବତ କରିଛି । ଏନେଇ ଥାନାରେ କେଶ ନଂ-୧୭୦/୨୦ରେ ଏକ ମାମଲା ରୁଜୁ କରାଯାଇ ସଂପୃକ୍ତ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ ଅର୍ଜୁନପୁର ପଂଚାୟତର ତରେଇସାହି, ବାଲିପାଟଣା, ଶଇଲ ଓ ମାମାଦୁଲା ଆଦି ଅଂଚଳରେ ଚୋରା ମଦ କାରବାର ବେଧଡକରେ ଚାସିଛି । ଗାଁରୁ ଛକ ପର୍ଯ୍ୟନ୍ତ ସବୁଠି ଏହି ଚୋରା ମଦ କାରବାର ହେଉଥିବା ବେଳେ ସ୍ଥାୟୀନ ଅଂଚଳର ଯୁବବର୍ଗ ମଦ ନିଶାରେ ପଡି ବିଭିନ୍ନ ସମୟରେ ଅସାମାଜିକ କାଯ୍ୟରେ ଲିପ୍ତ ରହୁଛନ୍ତି । ଧୁଷୁରୀ ଥାନାରେ ଏହି ଅଂଚଳ ଶେଷ ସୀମାରେ ହୋଇଥିବାରୁ ପୁଲିସ କିମ୍ବା ଅବକାରୀ ବିଭାଗ ସେଠାରେ ଚଢଉ କରିବା ସମ୍ଭବପର ହେଉନଥିବାରୁ ଏହାର ସୁଯୋଗ ନେଇ ଚୋରା ମଦ ବେପାରି ମାନେ ଅବାଧରେ କାରବାର କରୁଥିବା ସ୍ଥାନୀୟ ଅଂଚଳବାସୀ ଅଭିଯୋଗ କରିଛନ୍ତି ।

# ଯାଜପୁର ଏସପିଙ୍କ ବାସଭବନରୁ ଚୋରି

କୋରେଇ,୭।୯ (ନି.ପ୍ର): ଯାଜପୁର ଏସପିଙ୍କ ବାସବଭନରେ ଏବେ ମରାମତି କାର୍ଯ୍ୟ ଚାଲୁଥିବା ବେଳେ ଘରୁ କିଛି ସମାଗ୍ରୀ ଚୋରି ହୋଇଥିଲା । ଯାହାକୁ ନେଇ ସୁବାସ ରାଉତ ନାମକ ଠିକାଦାର ପାଣିକୋଇଲି ପୁଲିସରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ଏକ ମାମଲା ୧୯୪/୨୦ ରୁଜୁ କରି ତଦନ୍ତ ଜାରି ରଖିଥିଲା । ସେଠାରେ କାମ କରୁଥିବା ଏସପି ଅଫିସ ପଛପଟ ଆଦିବାସୀ ସାହିର ଅର୍ଜୁନ ଜେନାଙ୍କୁ ଧରିବା ସହ ଚୋରି ସାମଗ୍ରୀ ମଟର ଓ ଗ୍ରାଇଣ୍ଡରକୁ ଜବତ କରାଯାଇଛି । ଏଥି ସହିତ କ୍ରେତା ତାଙ୍କ ସାହିର ସୁନିଲ ମହାକୁଡ ଓ ପାଣିକୋଇଲି ଅଳତିରିର ମହେଶ୍ୱର ନାୟକଙ୍କୁ ଚୋରି ସାମଗ୍ରୀ କିଣିବା ଅପରାଧରେ ଗିରଫ କରାଯାଇଛି । ୩ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

# ରାଇକିଆରେ ୬୦ କିଗ୍ରା ଗଞ୍ଜେଇ ସହ କାର ଓ ବାଇକ ଜବତ ୨ ଗିରଫ

କନ୍ଧମାଳ,୭।୯ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ରାଇକିଆ ଥାନା ପୋଲିସ ଏକ ମାରୁତୀ ସ୍ୱିଫ୍ଟ ଡିଜାୟାର କାର ଭିତରୁ ୬୦ କିଗ୍ରା ଗଞ୍ଜେଇ ଜବତ କରିବା ସହିତ ଏହି କାମରେ ନିୟୋଜିତ ଥିବା ଆଉ ଗୋଟିଏ ବାଇକ ଏବଂ ଚାଲାଣକାରୀ ୨ ଜଣଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ସୁଚନା ଦେଇଛନ୍ତି ରାଇକିଆ ଥାନା ଅଧିକାରୀ ତରୁଣତପନ ବେହେରା । ସୁଚନା ଅନୁସାରେ ଆଜି ସକାଳୁ ରାଇକିଅର ଶିବ ମନ୍ଦିର ଛକ ନିକଟରୁ ପୋଲିସ ଏକ ମାରୁତୀ ସ୍ୱିଫ୍ଟ ଡିଜାୟାର (ଓଡ.-୦୨-ବି.ଏଫ-୫୧୦୬)କାରରେ ଭୁବନେଶ୍ୱର ଅଂଚଳକୁ ଚାଲାଣ ହେଉଥିବାବେଳେ ତାଲାସି କରି ସେଥିରୁ ୬୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହା ସହିତ (ଓ.ଡି ୦୭ଏଲ ୪୭୫୮) ନମ୍ବର ଥିବା ଏକ ବାଇକକୁ ମଧ୍ୟ ଜବତ କରିଥିବା ଜଣାପଡିଛି । ଏହି ଚାଲାଣ କାର୍ଯ୍ୟରେ ନିୟୋଜିତ ଥିବା ଗୁଞ୍ଜିବାଡି ଅଂଚଳର ପ୍ରେମାନନ୍ଦ ପ୍ରଧାନ ଓ ଜିଡୁବାଡି ଅଂଚଳର ସୁନିଲ ପ୍ରଧାନକୁ ଗିରଫ କରି ଏହି ସଂକ୍ରାନ୍ତରେ ଏକ ମାମଲା ୫୯/୨୦ ରୁଜୁ କରିବା ସହିତ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଜଣପଡିଛି ।

# ପୂର୍ବତନ କାଉନସିଲର ଅନନ୍ତ ଚରଣ ପୃଷ୍ଟିଙ୍କର ପରଲୋକ

ଭୁବନ,୭।୯ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ତେଲିସାହି ନିବାସୀ ଅନନ୍ତ ଚରଣ ପୃଷ୍ଟି (ଅରକ୍ଷିତ) ଗତକାଲି ସଂଧ୍ୟାରେ ହୃଦଘାତରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା । ଅନନ୍ତ ବାବୁ ଙ୍କ ବିୟୋଗ ଖବର ଶୁଣି ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଁଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ଅନନ୍ତ ବାବୁ ୧୯୮୪ ମସିହାରେ ୧୧ ନମ୍ବର ୱାର୍ଡର କାଉନସିଲର ଭାବେ କାର୍ଯ୍ୟ କରିଥିଲେ । ଭୁବନ ଗାୟତ୍ରୀ ପାଲା ପରିଷଦର ସଭାପତି ଭାବେ ଦୀର୍ଘ ୩୨ ବର୍ଷ କାର୍ଯ୍ୟ କରିବା ସହ ଆର୍ଯ୍ୟସମାଜ ସଭାପତି ଓ ତୈଳିକ ବୈଶ୍ୟ ସମାଜର ମୁରବୀ ଥିଲେ । । ରାଜନୀତି, ସମାଜସେବା ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ: ଅଫ୍ ଲାଇନରେ ପରୀକ୍ଷାକୁ ବିରୋଧ କରି ଛାତ୍ର ଆନ୍ଦୋଳନ ଆରମ୍ଭ

ବାରିପଦା,୭।୯ (ନି.ପ୍ର): ଓଡ଼ିଶା ସରକାର ୟୁଜି, ପିଜି ପରୀକ୍ଷା ଆରମ୍ଭ କରିବାର ଘୋଷଣା କରିବା ପରେ ରାଜ୍ୟରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅନ୍ ଲାଇନରେ ପରୀକ୍ଷା କରାଇବା ନିମନ୍ତେ ନିଷ୍ପତି ନେଇଛନ୍ତି । ସେହିପରି ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅନ୍ ଲାଇନରେ ପରୀକ୍ଷା କରାଇବା ନିମନ୍ତେ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ କରିଥିବା ବେଳେ ବାରିପଦା ତଖତପୁରସ୍ଥିତ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଏହାର ବ୍ୟତୀକ୍ରମ ପରିଲକ୍ଷିତ ହୋଇଛି । ମୟୂରଭଞ୍ଜ ଜିଲ୍ଲା ସହିତ ବାରିପଦା ପୌରପରିଷଦରେ କରୋନା ମହାମାରୀ ଉପରମୁହାଁ ହୋଇଥିବା ସମୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀମାନଙ୍କ ସୁବିଧାକୁ ଅଣଦେଖା ପ୍ରଦର୍ଶନ ପୂର୍ବକ ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜି ଆଦି ପରୀକ୍ଷାଗୁଡ଼ିକ ଅଫ୍ ଲାଇନ ମାଧମରେ କରାଇବାର ନିଷ୍ପତି ନେଇଛନ୍ତି । ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜି ବିଭାଗରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇ ଆସିଛନ୍ତି । ଏଥି ସହିତ ଅଫ୍ ଲାଇନରେ ପରୀକ୍ଷା କରାଇବାର ନିଷ୍ପତିକୁ ପୁର୍ନବିଚାର କରାଇବା ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇ ଆସିଥିବା ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ମନୀଷ କୁମାର ଗିରିଙ୍କ ନେତୃତ୍ୱରେ ପିଜି ୟୁନିଟର ପ୍ରଦ୍ୟୁମ୍ନ ବେହେରା, ସୁଦୀପ, ହୋପନ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସଂଯୁକ୍ତା ମହାପାତ୍ର, କବିତା ମହାପାତ୍ର, ଜୟାଶୀଲା ସିଂ, ୟୁଜି ୟୁନିଟର ଆଦିତ୍ୟ ମହାପାତ୍ର, ଅରଜିତ ମିଶ୍ର, ବିଶ୍ୱଜିତ୍, ଏସ କେ ଜେନା, ଅରୁଣ ସାହୁ, ପ୍ରିୟବ୍ରତ ଗିରି, ବର୍ଷାରାଣୀ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ କୁଳପତି ପ୍ରଫେସର ପ୍ରଦୀପ ଚାନ୍ଦଙ୍କୁ ଭେଟି ଏକ ଦାବିପତ୍ର ମଧ ପ୍ରଦାନ କରିଛନ୍ତି । ଏଥି ସହିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଫ୍ ଲାଇନ ପରୀକ୍ଷା କରାଇବାର ନିଷ୍ପତିରୁ ଓହରି ନ ଆସିଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବା ସହ ବିଶ୍ୱବିଦ୍ୟାଳୟର କାମକାର୍ଯ୍ୟକୁ ଅଚଳ କରାଇ ଦିଆଯିବ ବୋଲି ଆନ୍ଦୋଳନକୁ ଓହ୍ଲାଇ ଆସିଥିବା ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି ।

# ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୬୪ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୭।୯ (ନି.ପ୍ର): ବ୍ରହ୍ମପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୬୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଓଷ୍ଟା ତରଫରୁ ବନ୍ୟା ବିପନ୍ନ ଅଂଚଳରେ ରିଲିଫ ବଂଟନ

ଭଦ୍ରକ, ୦୭/୯ (ହି.ସ.) ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଆଜି ବନ୍ୟା ବିପନ୍ନଙ୍କୁ ଚୁଡା, ଚିନି, ବିସ୍କୁଟ ଶୁଖିଲା ଖାଦ୍ୟ ସହିତ ମହମବତୀ, ଦିଆସିଲି, ସାବୁନ ଇତ୍ୟାଦି ବଂଟନ କରାଯାଇଛି। ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ରଂଜନ ଦାଶ, ସମ୍ପାଦିକା ସୁରଜିତା ନାୟକ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, କାର୍ଯ୍ୟକାରୀ ସଭ୍ୟ ଅକ୍ଷୟ ହୋତା, ସମ୍ପାଦକ ପଧୁସୂଦନ ଦେ, ଭଦ୍ରକ ଜିଲ୍ଲାର ସଭାପତି ଉପେନ୍ଦ୍ର ପ୍ରସାଦ ପାଢୀ, ସମ୍ପାଦକ ମଧୁସୂଦନ ଦେ, ପର୍ଶୁରାମ ପାତ୍ର, ଧାମନଗର ବ୍ଲକର ସମ୍ପାଦକ ହେମନ୍ତ ସୂତାର, ସଭାପତି ରମାକାନ୍ତ ପରିଡା, ପ୍ରଦୀପ ବସନ୍ତିଆ, ସାଧୁ ଚରଣ ଷଡଙ୍ଗୀ, ବୈକୁଣ୍ଠ ନାଥ ବିଶ୍ୱାଳ, ମନୋରଂଜନ ପଣ୍ଡା, ଶଶୀଶେଖର କରଶର୍ମା, ଶରତ ଦାସ, ଗଙ୍ଗାଧର ବେହେରା ପ୍ରମୁଖ ରିଲିଫ ବଂଟନ କରିଥିଲେ। ଧାମନଗର ବ୍ଲକର ବୟାଙ୍ଗଡିହ ପଂଚାୟତର ଛନ୍ଦାସାହି, ଜେନାସାହି, ଆମ୍ବିଳ ଗାଁର ଜେନାସାହି, ସଇଜାଙ୍ଗର (ଗୁଡପୋଖରୀ), ଅସ୍ତଳର ମଳିକ ସାହି ଗୁଡିକ ଗ୍ରାମରେ ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ୍ ଦିଆଯାଇଥିଲା। ଚିର ବନ୍ୟା ପ୍ଲାବିତ ଧାମନଗର ଅ ଳ ଅଧିବାସୀମାନେ ବୈତରଣୀ, କୋଚିଳା, ଗେଙ୍ଗୁଟି, ରେବ, କପାଳି ନଦୀର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ନିକଟରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ ସବୁ ସମୟରେ ପ୍ରାକୃତିକ ଦୁର୍ବିପାକ ବେଳେ ଲୋକଙ୍କ ସହ ବିପଦର ବନ୍ଧୁ ଭାବେ ସହାୟତା ପ୍ରଦାନ କରି ଆସିଛି। ଓଷ୍ଟା ରାଜ୍ୟ, ଜିଲ୍ଲା, ବ୍ଲକ ନେତୃତ୍ୱଙ୍କର ଏହି ମାନବୀୟ କାର୍ଯ୍ୟକୁ ଧାମନଗର ଅ ଳର ବନ୍ୟା କ୍ଷତିଗ୍ରସ୍ତ ଲୋକେ ଭୂୟସୀ ପ୍ରଶଂସା କରିଥିଲେ।ବଳ, ଡାକ୍ତର ପ୍ରଭାତ ପଢିଆରୀ, ସୁବାସ ଚନ୍ଦ୍ର ପଢିଆରୀ, ସୁବାସ ରାଉତଙ୍କ ସମେତ ଆଇନଜୀବୀ, ସାମ୍ବାଦିକ, ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଏହି ପର୍ବ ଶାନ୍ତି, ମୈତ୍ରୀ, ସହଯୋଗ ଓ ଆଧାତ୍ମିକ ଚେତନାର ଏକ ସଫଳ ବାର୍ଷିକ ଗଣପର୍ବ ବୋଲି ମତବ୍ୟକ୍ତ କରିଛନ୍ତି।

# ହାଇୱା ଧକ୍କାରେ ସାଇକେଲ୍ ଆରୋହୀ ମୃତ : ୫୦ ଲକ୍ଷ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

କନ୍ଧମାଳ,୭।୯ (ନି.ପ୍ର): କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ୍ ସଦର ମହକୁମା ଅନ୍ତର୍ଗତ ରାମେଶ୍ୱର ମନ୍ଦିର ନିକଟ ଦେଇ ବହି ଯାଇଥିବା ଗ୍ରାହିବାଲି ନଦୀରୁ ଗାଧୋଇ ସାରି ସାଇକେଲ୍ ଯୋଗେ ଆଜି ଅପରାହ୍ନରେ ଫେରୁଥିବା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଦିଲ୍ଲିପ କୁମାର ବିଶୋଇ (୨୭) ଏବଂ ଘର କ. ନୂଆଗାଁର ପୁରୁଣା ସାହିରେ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଦିଲ୍ଲିପ ସାଇକେଲ୍ ଯୋଗେ ଘରକୁ ଫେରୁଥିବା ବେଳେ ଦୃତ ଗତିରେ ଆସୁଥିବା ଏକ ହାଇୱା ନଂ ଓଆର୍୦୨-ବିଏ୩୧୬୫ ତାଙ୍କୁ ଧକ୍କା ଦେବାସହ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଫଳରେ ଘଟଣାସ୍ଥଳରେ ଦିଲ୍ଲିପଙ୍କ ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ଦୁର୍ଘଟଣା ପରେ ସେଠାରୁ ଖସି ପଳାଇ ଯିବାକୁ ଉଦ୍ୟମ କରୁଥିବା ହ୍ୱାଇୱା ଡ୍ରାଇଭରକୁ ଗ୍ରାମବାସୀ ନିସ୍ଥୁକ ପିଟିବା ସହ କ. ନୂଆଗାଁ ପୋଲିସ ଜିମା ଦେଇଛନ୍ତି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡ଼ା ଡ଼ାକ୍ତରଖାନାକୁ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି । ଅପରପକ୍ଷରେ ଘଟଣା ପରେ ସେଠାରେ ଉତେଜନା ପ୍ରକାଶ ପାଇଛି । ଉତ୍ତ୍ୟକ୍ତ ଲୋକେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ଜାରୀ ରଖିଛନ୍ତି । ସେମାନଙ୍କର ପ୍ରମୁଖ ଦାବି ରହିଛି ମୃତକଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ । କୌଣସି ଜିଲ୍ଲା ସ୍ତରିୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଂଚି ସେମାନଙ୍କ ଦାବି ପୂରଣ ଦିଗରେ ପ୍ରତିଶୃତି ନଦେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରୀ ରହିବ ବୋଲି ଆନ୍ଦୋଳନକାରୀ ମାନେ ନିଜ ଜିଦ୍ ରେ ଅଡ଼ି ବସିଛନ୍ତି । ରାସ୍ତା ରୋକ ଯୋଗୁଁ ବାଲିଗୁଡ଼ା-ଫୁଲବାଣୀ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି । କ. ନୂଆଗାଁ ଥାନା ପୋଲିସ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛି ।

# ପୁରୀ ପୌରାଂଚଳରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି

ପୁରୀ,୭/୯-ଗତକାଲି ପୁରୀ ପୌରାଂଚଳ ରୁ ୫୨ ସଂକ୍ରମିତ ଙ୍କ ସ୍ୱାବ ରିପୋର୍ଟ ପଜେଟିଭ ଆସିଛି। ରେଡକ୍ରସ ରୋଡ , ହରଚଣ୍ଡୀ ସାହି, ଗୋଛିକାର ସାହି, ମାଟିମଣ୍ଡପ ସାହି, ଦାମଦୋର ରୋଡ , ଲୋକନାଥ ରୋଡ, ଗୌଡବାଡ ସାହି, ବଡସଂଖ ଆଖ ପାଖ ଇଲାକା ରୁ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ୨୬୮ ଟି କୋଭିଡ୍ କେୟାର ହୋମ ରେ ୨୯୧୮ ଟି ସଜ୍ଜା ପ୍ରସ୍ତୁତ ଥିବା ବେଳେ ମାତ୍ର ୧୧ ଟି ରେ ରୋଗୀ ରହିଛନ୍ତି। ସେହିପରି ୮ ଟି କୋଭିଡ୍ କେୟାର ସେଂଟର ୮ ଟି ଥିବା ବେଳେ ସେଥିରେ ୭୭୨ ସଜ୍ଜା ରହିଛି। ସେଥିମଧ୍ୟରୁ ୧୪୫ ରେ ରୋଗୀ ରହିଛନ୍ତି। କୋଭିଡ୍ ହୋମ କେୟାର ୨ ଟି ରହିଛି। ଏବଂ ସେଥିରେ ୧୦୦ ଟି ସଜ୍ଜା ଥିବା ବେଳେ ୯୨ ଟି ରେ ରୋଗୀ ରହିଛନ୍ତି। ଆଜି ପୁରୀ ଜିଲାରେ ୨୦୦ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାଯାଇଛି।

# ଫୁଲବାଣୀର ଯୁକ୍ତ ଦୁଇ କଳା ଓ ଧନ୍ଦାମୁଳକ ପରୀକ୍ଷା ଫଳ

## ଯୁକ୍ତ ଦୁଇ କଳା ବିଭାଗରେ ଉମେଶ ଓ ଶ୍ମୃତୁଶିଖା, ଧନ୍ଦାମୁଳକ କଳା ଓ ବାଣିଜ୍ୟ ବିଭାଗରେ ଜ୍ଞାନେନ୍ଦ୍ର ଓ ଭାଗ୍ୟଶ୍ରୀ ଟପ୍ପର

କନ୍ଧମାଳ,୭।୯ (ନି.ପ୍ର): ଶନିବାର ଦିନ ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ କଳା ଓ ଧନ୍ଦାମୁଳକ ବିଭାଗ ପରୀକ୍ଷା ଫଳ ପ୍ରକାଶ ପାଇଛି । ସମଗ୍ର ରାଜ୍ୟରେ କଳାରେ ପାସ ହାର ୬୭.୫୬% ଥିବା ବେଳେ ଧନ୍ଦାମୁଳକରେ ୫୭% ରୁ ସାମାନ୍ୟ ଉର୍ଦ୍ଧ ରହିଛି ।ସେହିପରି ଜିଲ୍ଲାରେ ପାସ ହାର କଳାରେ ୬୪% ଥିବାବେଳେ ଧନ୍ଦାମୁଳକରେ ୭୨% ଥିବା ବ୍ରହ୍ମପୁର ଆଂଚଳିକ କାର୍ଯ୍ୟାଳୟରୁ ସୁଚନା ମିଳିଛି । ସମଗ୍ର ଜିଲ୍ଲାରେ କଳା ବିଭାଗରେ ପରୀକ୍ଷା ଦେଇଥିବା ୫୩୭୨ ଜଣ ପରିକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୩୪୩୬ ଜଣ ପାସ କରିଛନ୍ତି ।ସେହିପରି ଜିଲ୍ଲାରେ ଧନ୍ଦାମୁଳକ ପରିକ୍ଷାରେ ୧୪୮ଜଣ ପରିକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୭ ଜଣ ପାସ କରିଛନ୍ତି । ଫୁଲବାଣୀ ସରକାରୀ ଯୁନିୟର ମହାବିଦ୍ୟାଳୟ ଯୁକ୍ତ ଦୁଇ କଳା ପରିକ୍ଷାରେ ୭୫ ପ୍ରତିଶତ ରହିଥିବା ବେଳେ ସରକାରୀ ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ପରିକ୍ଷାଫଳ ୭୭.୪୫% ରହିଛି । ମୋଟ ୨୭୫ ଜଣ ପରିକ୍ଷାର୍ଥୀ ପରିକ୍ଷା ଦେଇଥିବା ବେଳେ ୨୧୩ ଜଣ ପାସ କରିଛନ୍ତି ଏବଂ ୬୨ ଜଣ ଫେଲ ହୋଇଛନ୍ତି । ସେଥି ମଧରେ ୨୭ ଜଣ ପ୍ରଥମ ଶ୍ରେଣୀରେ ,୪୧ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୩୩ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି । ସର୍ବାଧିକ ୪୫୪ ନମ୍ବର ଶ୍ମୃତୁଶିଖା ପ୍ରଧାନ ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି ବୋଲି ଅଧକ୍ଷ ତୁନୁଜା ସିଂ ସୁଚନା ଦେଇଛନ୍ତି । ସେହିପରି ଫୁଲବାଣୀ ସରକାରୀ ଯୁନିୟର ମହାବିଦ୍ୟାଳୟରେ ମୋଟ ପରିକ୍ଷାର୍ଥୀ ୪୪୭ ପରିକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୩୫ ଜଣ ପାସକରିଛନ୍ତି ।୧୦୦ ଜଣ ପ୍ରଥମ ଶ୍ରେଣୀରେ ପାସକରିଥିବା ବେଳେ ୬୭ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୬୮ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି । ସର୍ବାଧିକ ୫୦୭ ନମ୍ବର ରଖି ଉମେଶ ରାଉତ ମହାବିଦ୍ୟାଳୟରେ ଟପ୍ପର ହୋଇଛନ୍ତି ବୋଲି କଲେଜ ତରଫରୁ ସୁଚନା ମିଳିଛି । ସେହିପରି ଧନ୍ଦାମୁଳକ କଳା ପରିକ୍ଷାରେ ୧୬ଜଣ ପରିକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି ।୨ଜଣ ପ୍ରଥମ ଶ୍ରେଣୀରେ,୮ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି । ଜ୍ଞାନେନ୍ଦ୍ର ଦାସ ୩୯୮ ନମ୍ବର ରଖି ବିଭାଗର ଟପ୍ପର ହୋଇଛନ୍ତି । ସେହିପରି ଧନ୍ଦାମୁଳକ ବାଣିଜ୍ୟ ପରିକ୍ଷାରେ ୧୬ ଜଣ ପରିକ୍ଷାର୍ଥୀ ମଧ୍ୟରୁ ୧୨ ଜଣ ପାସ କରିଥିବାବେଳେ ୪ ଜଣ ଫେଲ ହୋଇଛନ୍ତି । ପାସ ମଧ୍ୟରୁ ୫ଜଣ ପ୍ରଥମରେ ,ଦ୍ୱିତୀୟ ଶ୍ରେଣୀରେ ୩ଜଣ ଓ ତୃତୀୟ ଶ୍ରେଣୀରେ ୪ଜଣ ପାସ କରିଛନ୍ତି । ଏହି ବଭାଗରେ ସର୍ବାଧିକ ୪୭୫ ନମ୍ବର ରଖି ଭାଗ୍ୟଶ୍ରୀ ପୃଷ୍ଟି ଟପ୍ପର ହୋଇଛନ୍ତି ବୋଲି ପ୍ରାଧାପକ ଜ୍ୟୋତି ପ୍ରକାଶ ସୁଚନା ଦେଇଛନ୍ତି ।

# ବୁଆଁଳ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି



ବାଲେଶ୍ୱର,୭।୯ (ନି.ପ୍ର): ଲଗୁଚାପ ଜନିତ ଲଗାଣ ବର୍ଷା ଓ ବୁଢ଼ାବଳଙ୍ଗ ନଦୀ ବନ୍ୟା ଯୋଗୁଁ ବଢ଼ିପାଣିରେ ବୁଆଁଳ ପଞ୍ଚାୟତର ହଜାର ହଜାର ଏକର ଜମିର ଚାଷ ନଷ୍ଟ ହୋଇଥିଲେ ବି ସମ୍ପ୍ରତି କ୍ଷେତ୍ର ଯାଞ୍ଚ ଓ ସର୍ଭେ ପାଇଁ ଯାଉଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ତୀବ୍ର ଅସନ୍ତୋଷ କରିଛନ୍ତି। ଗତ ବନ୍ୟାରେ ଏକ ସପ୍ତାହରୁ ଅଧିକ ଦୀନ ବଢ଼ିପାଣି ରହିବା ଫଳରେ ଚାଷ ନଷ୍ଟ ହେଲା ଓ ବହୁ ଝାଟିମାଟି ଘର ମାଟିରେ ମିଶିଲା। ପ୍ରଶାସନ କିମ୍ବା ନିର୍ବାଚିତ ଲୋକ ପ୍ରତିନିଧିମାନେ ରିଲିଫ୍‌ରେ ମୁଠିଏ ଚୁଡ଼ାତ ଦେଲେ ନାହିଁ କିମ୍ବା ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ଦେଖିବା ପାଇଁ ବି ଗଲେ ନି।ଏବେ ପାଣି ଛାଡ଼ିଯାଇଥିଲେ ବି ଜମିରେ ୮୦ ପ୍ରତିଶତ ଚାଷ ନଷ୍ଟ ହୋଇଛି। ମାତ୍ର ୫୦ ପ୍ରତିଶତରୁ ଅଧିକ କ୍ଷତି ହୋଇନଥିବା କହୁଛନ୍ତି ସର୍ଭେ କରିବାକୁ ଆସିଥିବା ନଗ୍ରମ ଆରଆଇ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜମି ମଲିକଙ୍କଠାରୁ ଭାଗରେ ଜମିନେଇ ବିଭିନ୍ନ ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ଋଣନେଇ କରିଥିବା ଚାଷ ନଷ୍ଟ ହୋଇଥିବା ବେଳେ ସେମାନେ କେମିତି ପରିବାରକୁ ବଞ୍ଚେଇବେ ଏବେ ପ୍ରଶ୍ନ ହୋଇଛି। ତୁରନ୍ତ ଉଚିତ ସର୍ଭେ ସହ କ୍ଷତିପୂରଣ ବାବଦରେ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏନେଇ ସେମାନେ କେତେକ ଗଣମାଧ୍ୟମର ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଦେଖାଇଛନ୍ତି।

## ଜଟଣୀରେ ଯୁବ କଂଗ୍ରେସ ପକ୍ଷରୁ ରିଲିଫ ବଂଟନ

ଭୁବନେଶ୍ୱର,୭।୯ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସର ପୂର୍ବତନ ସଭାପତି ଶ୍ରୀ ସଂକୁନା କହଁରଙ୍କ ନେତୃତ୍ୱରେ ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନ୍ୟା ପ୍ରପୀଡିତ ତିରିମହଲ ପଂଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ରିଲିଫ ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ରିଲିଫ ବଂଟନ କରିବା ସହିତ ବନ୍ୟା କ୍ଷୟକ୍ଷତିର ଅନୁଧାନ କରିଥିଲେ। ଏହି ପ୍ରରୀପେକ୍ଷିରେ ଶ୍ରୀ ରାଉତରାୟ କହିଥିଲେ ଯେ ବନ୍ୟାରେ ଚାଷଜମି ଉଜୁଡି ଯିବା ସହିତ ଫସଲ ନଷ୍ଟ ହୋଇଯାଇଛି। ଧାନବିଲରେ ବାଲିଚରିଯିବା ସହ ପଟୁମାଡ଼ିଯିବା ଫଳରେ ଫସଲ ସଂପୂର୍ଣ୍ଣ ଉଜୁଡ଼ି ପଡ଼ିଛି। ଘର ଭୁଷୁଡ଼ି ପଡ଼ିଛି। ରାସ୍ତା ନଷ୍ଟ ହୋଇଯିବା ସହ ପୋଲ ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଖରେ ଏପର୍ଯ୍ୟନ୍ତ ସରକାରୀ ରିଲିଫ ପଂହଚିପାରି ନାହିଁ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ଅଖିଳ ଭାରତ ଯୁବ କଂଗ୍ରେସ ସଂପାଦକ ରିୟା ଜନ୍‌ସାରୀ, ଜଟଣୀର ପୂର୍ବତନ ମ୍ୟୁନିସିପାଲିଟି ଚେୟାରମ୍ୟାନ ସଂଗ୍ରାମ କେଶରୀ ରାଉତରାୟଙ୍କ ସମେତ ତିରିମହଲର ସରପଂଚ, ସମିତିସଭ୍ୟ ଓ ୱାର୍ଡମେମ୍ବରମାନେ ଯୋଗ ଦେଇଥିଲେ।

## ବିଧାନସଭା ଅଧିବେଶନ ପୂର୍ବରୁ ସବୁ ବିଧାୟକ ଓ କର୍ମଚାରୀମାନଙ୍କର ହେବ ନମୁନା ପରୀକ୍ଷା : ବାଚସ୍ପତି

ଭୁବନେଶ୍ୱର,୭।୯ (ନି.ପ୍ର): ବିଧାନସଭା ଅଧିବେଶନର ଦୁଇ ଦିନ ପୂର୍ବରୁ ସବୁ ବିଧାୟକ, ମନ୍ତ୍ରୀ ଓ କର୍ମଚାରୀମାନଙ୍କର କରୋନା ନମୁନା ପରୀକ୍ଷା କରାଯିବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି । ତେବେ ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପୁଥିବା ବେଳେ ବିଧାନସଭା ଅଧିବେଶନ କେବେ ଆରମ୍ଭ ହେବ ସେ ନେଇ ଏଯାବତ୍ ସେଥିଲାଗି ତାରିଖ ଧାର୍ଯ୍ୟ ହୋଇନାହିଁ । ସୋମବାର ଦିନ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଷୋଡ଼ଶ ବିଧାନସଭାର ୪ର୍ଥ ଅଧିବେଶନ ପୂର୍ବରୁ ବିଧାୟକ/ବିଧାୟିକାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ କୋଭିଡ୍-୧୯ ପରୀକ୍ଷଣ ସଂପର୍କିତ ଏକ ବୈଠକବାଚସ୍ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତି ପ୍ରକାରେ, ଆଗାମୀ ଅଧିବେଶନର ଦୁଇଦନି ପୂର୍ବରୁ ସମସ୍ତ ବିଧାୟକ/ ବିଧାୟିକା, ସଂପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର କୋଭିଡ୍-୧୯ ପାଇଁ ଆର୍‌ଟି-ପିସିଆର୍ ପରୀକ୍ଷା ହେବ। ଅଧିବେଶନର ପଂଚମ ଦିନରେ ମଧ ପୁଣିଥରେ ଏହି ପରୀକ୍ଷା କରାଯିବ। ପରୀକ୍ଷାରେ ନେଗେଟିଭ୍ ଆସିଥିବା ବ୍ୟକ୍ତିମାନଙ୍କୁ କେବଳ ବିଧାନସୌଧକୁ ପ୍ରବେଶ ଅନୁମତି ମିଳିବ। ଆବଶ୍ୟକସ୍ଥଳେ ଅଧିବେଶନ ସମୟରେ ଆଂଟିଜେନ୍ ଟେଷ୍ଟର ବ୍ୟବସ୍ଥା ରହିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଭୁବନେଶ୍ୱର ମହାନଗର ନିଗମ ଏହି ପରୀକ୍ଷା ପାଇଁ ଯଥେଷ୍ଟ ପୂର୍ବରୁ ବ୍ୟବସ୍ଥା କରିବେ। ଅଧିବେଶନର ଦୁଇଦିନ ପୂର୍ବରୁ ଆରମ୍ଭ କରି ଅଧିବେଶନ ଶେଷ ପର୍ଯ୍ୟନ୍ତ ବିଧାୟକ/ବିଧାୟିକାମାନେ ଗୃହ ସଙ୍ଗରୋଧରେ ରହିବା ଓ ଅନ୍ୟମାନଙ୍କ ସହିତ ମିଳାମିଶା ନକରିବା ପାଇଁ ବିଧାନସଭା ପକ୍ଷରୁ ଅନୁରୋଧ କରାଯିବ। ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବିଧାୟକ/ ବିଧାୟିକାମାନେ ଭିଡ଼ିଓ କନ୍‌ଫରେନ୍ସି ଜରିଆରେ ଅଧିବେଶନରେ ଅଂଶଗ୍ରହଣ କରିପାରିବେ। କିନ୍ତୁ ଏଥି ନିମନ୍ତେ ସେମାନଙ୍କୁ ଯଥେଷ୍ଟ ପୂର୍ବରୁ ବିଧାନସଭା ସଚିବାଳୟକୁ ଜଣାଇବାକୁ ପଡ଼ିବ। ବିଧାୟକ / ବିଧାୟିକା ଓ ସଂପୃକ୍ତ ବିଧାନସଭା କର୍ମଚାରୀଙ୍କୁ ଆବଶ୍ୟକୀୟ ଫେସ୍ ସିଲ୍ଡ, ମାସ୍କ, ହ୍ୟାଣ୍ଡଗ୍ଲୋଭସ୍ ଓ ହ୍ୟାଣ୍ଡ ସାନିଟାଇଜର ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅନୁରୋଧ କରାଯାଇଥିଲା। ଉକ୍ତ ବୈଠକରେ ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ ପ୍ରେମଚନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ ।

## ସାଂସଦ ଅନୁଭବଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୭।୯ (ନି.ପ୍ର): କେତେବେଳେ ସାମ୍ବାଦିକମାନଙ୍କୁ ଦୁର୍ବ୍ୟବହାର ତ କେତେବେଳେ ମହିଳାମାନଙ୍କୁ ଅସଦାଚରଣ ତ ଆଉ କେତେବେଳେ ରାଜନୈତିକ ସଭାରେ ଆପତିଜନକ ମନ୍ତବ୍ୟ ଦେଉଥିବା କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତିଙ୍କୁ ସରକାର ସୁରକ୍ଷା ଦେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କେବଳ ସେତିକି ନୁହେଁ ତାଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଜାଲିଆତି ଅଭିଯୋଗ ରହିଛି। ବର୍ତମାନ ସାଂସଦଙ୍କ ପତ୍ନୀ ତାଙ୍କ ବିରୁଦ୍ଧରେ ନିର୍ଯାତନା ଅଭିଯୋଗ ଆଣିବା ପରେ ସରକାର ନିଜଆଡୁ ଅନୁଭବଙ୍କ ବିରୁଦ୍ଧରେ ଆଇନ୍‌ଗତ ପଦକ୍ଷେପ ନେବା ସହିତ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ବାବୁ ତାଙ୍କ ବିରୁଦ୍ଧରେ ରାଜନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରକାଶ କହିଛନ୍ତି ନିର୍ବାଚନ ସମୟରେ ନାମାଙ୍କନ ପତ୍ର ଦାଖଲ ସମୟରେ ସାଂସଦ ଶିକ୍ଷାଗତ୍ୟ ଯୋଗ୍ୟତା ସଂପର୍କରେ ଯେଉଁ ତଥ୍ୟ ଦେଇଥିଲେ ତାହା ଜାଲ୍ ଥିଲା। ସୂଚନା ଅଧିକାର ବଳରେ ଆସିଥିବା ତଥ୍ୟ ଆଧାରରେ ସାଂସଦ ଏବେ କନ୍ଦରପୁର କଲେଜର +୩ ବର୍ଷର ଛାତ୍ର ବୋଲି କଂଗ୍ରେସ କହିଥିଲା। କିନ୍ତୁ ଆଜି ସାଂସଦଙ୍କ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ନୂଆତଥ୍ୟ ସାମ୍‌ନାକୁ ଆଣିଛି କଂଗ୍ରେସ। ସୂଚନା ଅଧିକାର ଆଇନ୍ ବଳରେ ଖ୍ରୀଷ୍ଟ ମହାବିଦ୍ୟାଳୟ ଠାରୁ ମିଳିଥିବା ତଥ୍ୟ ଆଧାରରେ ୨୦୦୦ ମସିହାରେ ସାଂସଦ ଅନୁଭବ ମହାନ୍ତି +୨ ପରୀକ୍ଷା ଦେଇ ଫେଲ ହୋଇଛନ୍ତି ଏବଂ ବର୍ତମାନ ତାଙ୍କ ସହଧର୍ମିଣୀଙ୍କର ସଂଗୀନ ଅଭିଯୋଗ ଆସିବା ପରେ କଂଗ୍ରେସ ସିଧାସଳଖ ଭାବେ ବିଜେଡି ଏବଂ ସାଂସଦ ଅନୁଭବଙ୍କୁ ଟାର୍ଗେଟ କରି କହିଛି ଯେ ବିଜୁ ଜନତା ଦଳ 'ମା'କୁ ସମ୍ମାନ' ନାଁରେ କୁମ୍ଭୀର କାନ୍ଦଣା କାନ୍ଦୁଥିବା ସ୍ଥଳେ ଖୋଦ୍ ସେହି ଦଳର ସାଂସଦ ବିଗତ ଦିନରେ ବାରମ୍ବାର ତାଙ୍କ ଔଦ୍ଧତ୍ୟର ପ୍ରମାଣ ଦେଇଥିବା ବେଳେ ଏବେ ତାଙ୍କ ପତ୍ନୀଙ୍କ ପାଖରେ ଏହି ଔଦ୍ଧତ୍ୟର ପ୍ରତିପାଦିତ କରିଛନ୍ତି ବୋଲି କଂଗ୍ରେସ କହିଛି।

ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଜ୍ଞାନଦେବ ବେଉରା, ଜିନେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ କରୋନା ଆକ୍ରାନ୍ତଙ୍କ ପାଇଁ ୧୮୭ ଶଯ୍ୟାର ବ୍ୟବସ୍ଥା

ଭୁବନେଶ୍ୱର, ୦୭ ସେପ୍ଟେମ୍ବର - କୋଭିଡ ୧୯ ମହାମାରୀ ସମୟରେ ସଂକ୍ରମଣକୁ ରୋକିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଭାବିତ ହେଉଥିବା ରୋଗୀ ମାନଙ୍କ ଚିକିତ୍ସା ପାଇଁ ପୂର୍ବତଟ ରେଳପଥ ୧୮୭ ଶଯ୍ୟା ପ୍ରସ୍ତୁତ କରିଛି ଯାହାକି ୩୭ ଟି ରେଳବାଇ କେନ୍ଦ୍ରୀୟ ହସ୍ପିଟାଲ ଭୁବନେଶ୍ୱର ଠାରେ, ୮୦ଟି ଖୋର୍ଦ୍ଧା ରୋଡ଼ ମଣ୍ଡଳ ହସ୍ପିଟାଲରେ ଏବଂ ୭୦ଟି ୱାଲଟିଅର ରେଳମଣ୍ଡଳ ହସ୍ପିଟାଲ ଠାରେ ଉପଲବ୍ଧ ଅଛି। ଏଥିପାଇଁ ପ୍ରତ୍ୟକ ହସ୍ପିଟାଲ ଠାରେ ଆଧୁନିକ ପ୍ରଯୁକ୍ତି ବିଜ୍ଞାନ ଯନ୍ତ୍ରପାତି ସହିତ ଅକ୍ସିଜେନ ଗ୍ୟାସ ପାଇପ ଲାଇନ, ଉଚ୍ଚ ପ୍ରବାହ ଅମ୍ଳଜାନ ଏବଂ ଭେଂଟିଲେଟର ବ୍ୟବସ୍ଥା ମଧ ବ୍ୟବସ୍ଥା କରାଯାଇଅଛି ଓ ଏହା ବ୍ୟତୀତ, ରେଳପଥର ପ୍ରତ୍ୟକ ହସ୍ପିଟାଲ ଠାରେ ଜ୍ୱର ପାଇଁ ସ୍ୱତନ୍ତ୍ର କ୍ଲିନିକ ମଧ ବ୍ୟବସ୍ଥା କରାଯାଇଛି। କୋଭିଡ଼୧୯ ମହାମାରୀଙ୍କୁ ସାମ୍ନା କରିବା ସହିତ ଆଧୁନିକ ଯନ୍ତ୍ର ପାତି ଗୁଡିକର ସୁପରିଚାଳନା ପାଇଁ ପୂର୍ବତଟ ରେଳପଥର ମେଡିକାଲ କର୍ମଚାରୀ ମାନେ ଉଭିନ୍ନ କର୍ପୋରେଟ ହସ୍ପିଟାଲ ସହିତ ଏସସିବି ମେଡିକାଲ କଲେଜ ରୁ ଆଧୁନିକ ଜ୍ଞାନକୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଛନ୍ତି। ରାପିଡ୍ ଆଂଟିଜେନ୍ ପରୀକ୍ଷା ଓ ଆରଟିପିସିଆର ପରୀକ୍ଷଣ ପାଇଁ ସ୍ୱାବ ସଂଗ୍ରହ କ୍ଷେତ୍ରରେ ସ୍ୱତନ୍ତ୍ର କିଓସ୍କ ବ୍ୟବସ୍ଥା କରାଯାଇଛି। ଏହି ସ୍ୱାବ/ନମୁନା ଗୁଡିକୁ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ କେନ୍ଦ୍ର ଗୁଡିକୁ ପାଠ ଯାଉଛି। ଆଜି ପର୍ଯ୍ୟନ୍ତ ରେଳବାଇ ହସ୍ପିଟାଲ ମାନଙ୍କ ଦ୍ୱାରା ସମୁଦାୟ ୮୫୯ ଆରଟିପିସିଆର ନମୁନା ସଂଗ୍ରହ କରାଯାଇଥିବା ବେଳେ ୮୦୩ ଟି ରାପିଡ୍ ଆଂଟିଜେନ୍ ପରୀକ୍ଷା କରାଯାଇଛି। କୋଭିଡ-୧୯ ମହାମାରୀ ସମୟରେ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚାଲୁରଖାଯାଇଛି। କୋଭିଡ ନିୟମାବଳୀକୁ ପୂର୍ବତଟ ରେଳପଥ ପାଳନ କରିବାକୁ ଯାଇ କାର୍ଯ୍ୟକ୍ଷେତ୍ରରେ ସର୍ବଦା ଫେସ୍ ମାସ୍କ ବ୍ୟବହାର କରିବା, ବାରମ୍ବାର ହାତକୁ ପରିଷ୍କାର କରିବା, ସାମାଜିକ ଦୂରତା ବଜାୟ ରଖିବା ଇତ୍ୟାଦି ସଚେତନତା କାର୍ଯ୍ୟକ୍ରମ ଗୁଡିକୁ ଜାରି ରଖିଛି। ଏହା ବ୍ୟତୀତ, ରେଳ ପ୍ରତିଷ୍ଠାନ, କାର୍ଯ୍ୟକ୍ଷେତ୍ର, ଷ୍ଟେସନ ଏବଂ ରେଳବାଇ ପରିସର କ୍ଷେତ୍ରଗୁଡିକୁ ମଧ ନିୟମିତ ଭାବେ ସାନିଟାଇଜ କରାଯାଉଅଛି ଯାହାଦ୍ୱାରାକି ସଂକ୍ରମଣକୁ ପ୍ରତିହତ କରାଯାଇ ପାରିବ। ସେପ୍ଟେମ୍ବର ୨ରୁ ୪ ତାରିଖ ମଧରେ ପୂର୍ବତଟ ରେଳପଥ ମୁଖ୍ୟାଳୟରେ ରାପିଡ୍ ଆଂଟିଜେନ୍ ପରୀକ୍ଷା ସମୟରେ ୨୫ ଟି କୋଭିଡ-୧୯ ପଜିଟିଭ ମାମଲା ଚିହ୍ନଟ ହୋଇଛି। ରେଳ କର୍ମଚାରୀଙ୍କ ଉଚ୍ଚ ବିପଦ ଗୋଷ୍ଠୀ, ଯଥା, ମଧୁମେହ, ଉଚ୍ଚ ରକ୍ତଚାପ, ୫୫ ବର୍ଷରୁ ଉର୍ଦ୍ଧ କର୍ମଚାରୀ, କୋଭିଡ ସନ୍ଦିଗ୍ଧଙ୍କ ସହ ଯୋଗାଯୋଗ ଇତିହାସ କିମ୍ବା ସକରାତ୍ମକ ମାମଲା ଥିବା କର୍ମଚାରୀ ମାନଙ୍କୁ ରେଳବାଇ କେନ୍ଦ୍ରୀୟ ଚିକିତ୍ସାଳୟ ପକ୍ଷରୁ ରାପିଡ୍ ଆଂଟିଜେନ୍ ପରୀକ୍ଷା ଏବଂ ଆରଟିପିସିଆର ପରୀକ୍ଷଣ ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ପୂର୍ବତଟ ରେଳପଥ ହସ୍ପିଟାଲରେ ଆଜି ପର୍ଯ୍ୟନ୍ତ ମୋଟ ୨୮୩ କୋଭିଡ -୧୯ ପଜିଟିଭ ରୋଗୀଙ୍କୁ ଚିହ୍ନିତ କରାଯାଇ ଚିକିତ୍ସା କରାଯାଉଥିଲା। ଆରୋଗ୍ୟ ପରେ ୧୮୩ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ୧୦୦ ରୋଗୀ ବର୍ତମାନ ସକ୍ରିୟ ଅଛନ୍ତି ଏବଂ ସେମାନଙ୍କର ଚିକିତ୍ସା ଜାରି ରଖାଯାଇଛି।

## ପୂର୍ବତନ ସାଂସଦ ନରେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ବିଜେଡି କାର୍ଯ୍ୟାଳୟରେ ଶୋକସଭା

ଭୁବନେଶ୍ୱର,୭।୯ (ନି.ପ୍ର): ବରିଷ୍ଠ ବିଜେଡ଼ି ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ନରେନ୍ଦ୍ର ସ୍ୱାଇଁ ଚିକିତ୍ସାଧୀନ ଅବସ୍ଥାରେ ୮୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଜଣେ କର୍ତବ୍ୟନିଷ୍ଠ କର୍ମୀ ଓ ଉତମ ସଂଗଠକ ଥିଲେ ଏବଂ ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରେ ମଜବୁତ କରିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ। ସୋମବାର ସଂଧ୍ୟାରେ ତାଙ୍କ ସ୍ମୃତିରେ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ୧ ମିନିଟର ନିରବ ପ୍ରାର୍ଥନା କରାଯିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (କାର୍ଯ୍ୟାଳୟ) ସଞ୍ଜୟ ଦାସବର୍ମା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଏକାମ୍ର ବିଧାୟକ ଅଶୋକଚନ୍ଦ୍ର ପଣ୍ଡା, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ରାଣାପ୍ରତାପ ପାତ୍ର, ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ଅମରେଶ ପତ୍ରୀ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ଼ ଉପଦେଷ୍ଟା ବିଜୟ ନାୟକ ଆଦି ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୫ତମ ଜୟନ୍ତୀରେ ବୃକ୍ଷ ରୋପଣ

ଭୁବନେଶ୍ୱର, ୦୭ ସେପ୍ଟେମ୍ବର (ହି.ସ.) – ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୫ତମ ଜୟନ୍ତୀ ଅବସରରେ ବିନୋବା ସ୍ମାରକ ଟ୍ରଷ୍ଟ ଏବଂ ସବୁଜ ଭାରତ ତରଫରୁ ନିଳାଦ୍ରୀ ବିହାରସ୍ଥିତ ନାରାୟଣୀ ବସ୍ତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗାନ୍ଧିବାଦୀ ନେତା ପ୍ରହ୍ଲାଦ ସିଂ ଯୋଗ ଦେଇ ବିନୋବା ଭାବେଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ବିନୋବା ସ୍ମାରକ ଟ୍ରଷ୍ଟର ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି ଯୋଗଦେଇ ବିନୋବା ଭାବେ ଭୂଦାନ ଆନ୍ଦୋଳନ ମାଧମରେ ବହୁ ଭୂମିହୀନ ଗରିବ, ଦଳିତ ଓ ଆଦିବାସୀଙ୍କୁ ଭୂମି ପ୍ରଦାନ କରି ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସବୁଜ ଭାରତର ଅଧକ୍ଷ ସତ୍ୟବ୍ରତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା ଏବଂ ଲୋକମାନଙ୍କୁ ମହାମାରୀ କରୋନା ବିଷୟରେ ସଚେତନତା କରାଯାଇ ମାସ୍କ ବଂଟନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଶ୍ରୀନିବାସ ଦାସ, ଜଗନ୍ନାଥ ସାହୁ, ଜିତୁ କୁମାର ସାହୁ, ବଳରାମ ବିଶୋଇ, ଅଚ୍ୟୁତ ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହିଳାବିରୋଧୀ ସାଂସଦଙ୍କୁ ...

ଜଣେ ସାମ୍ବିଧାନିକ ପଦାଧିକାରୀ, ଲୋକପ୍ରତିନିଧି ଏବଂ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ହୋଇଥିବା କାରଣରୁ ବିଜେପି ମହିଳା ମୋର୍ଚ୍ଚା ବାଧ ହୋଇ ଘଟଣାରେ ହସ୍ତକ୍ଷେପ କରୁଛି । ଘଟଣାକୁ ଅନୁଧ୍ୟାନ କଲେ ଏହା ସ୍ୱଷ୍ଟ ହୋଇଛି ଯେ, ସାଂସଦ ଶ୍ରୀ ଅନୁଭବ ମହାନ୍ତି ଘରୋଇ ଅତ୍ୟାଚାର ଓ ନିଜ ପତ୍ନୀଙ୍କୁ ଅତ୍ୟାଚାର ଦେବାରେ ଚରମ ସୀମା ଉଲ୍ଲଂଘନ କରିଛନ୍ତି । ସାଂସଦ ଭଳି ସାମ୍ବିଧାନିକ ପଦରେ ଥିବା ଶ୍ରୀ ମହାନ୍ତିଙ୍କ କାର୍ଯ୍ୟକଳାପ ଅତ୍ୟନ୍ତ ଲଜ୍ଜାଜନକ ଏବଂ ତାଙ୍କର ଏଭଳି କାର୍ଯ୍ୟକଳାପ ସମଗ୍ର ରାଜ୍ୟବାସୀଙ୍କୁ ଲଜ୍ଜିତ ଓ ନିନ୍ଦିତ କରିଛି । ରାଜ୍ୟର ମା ଓ ଭଉଣୀଙ୍କୁ ସୁରକ୍ଷା ଯୋଗାଇ ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହି ଘଟଣାଟି ରାଜ୍ୟ ସରକାରଙ୍କ ମହିଳା ବିରୋଧି ଆଭିମୁଖ୍ୟକୁ ସ୍ୱଷ୍ଟ କରିଛି । ଶାସକ ବିଜେଡି ମୁଖିଆଙ୍କ ନିଜ ପରିବାର ସଦସ୍ୟଙ୍କ ଘରେ ଏଭଳି ମହିଳା ଅତ୍ୟାଚାର ଓ ହିଂସା ଘଟଣା ଘଟିଚାଲିବା ରାଜ୍ୟରେ ମହିଳା ସୁରକ୍ଷାକୁ ଦର୍ଶାଉଛି। ତଥାପି ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ନବୀନ ବାବୁ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ତାଙ୍କରି 'ମାଁକୁ ସମ୍ମାନ'ର ନାରା ପ୍ରତି ଏକ ଖୋଲା ଉପହାସ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ଘରୋଇ ଓ ମହିଳା ହିଂସା ଅଭିଯୋଗ କାରଣରୁ 'ନିମ୍‌କି' ସାଜି ଯେଉଁ ବର୍ଷା ପ୍ରିୟଦର୍ଶିନୀ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନବୀନ ନିବାସକୁ ଯାଇ ଗୁହାରୀ କରିଥିଲେ, ସେହି 'ନିମ୍‌କି' ଆଜି ନିଜ ପାଇଁ ନ୍ୟାୟ ଭିକ୍ଷା କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ କହିଛନ୍ତି ।

### ଆହୁରି ୫ ଦିନ...

କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏଥିସହ ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଅପରପକ୍ଷରେ ୧୧ ତାରଖ ମଧ୍ୟାହ୍ନ ମଧରେ ଓଡ଼ିଶାର ଅଧିକାଂଶ ଜିଲ୍ଲାର ଅଳ୍ପ କେତେକ ସ୍ଥାନରେ ହାଲୁକାରୁ ମଧମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଥିବା ବେଳେ ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି, ବରଗଡ, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା, ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୨ ତାରିଖ ମଧ୍ୟାହ୍ନ ମଧରେ ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ରାୟଗଡା, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ସୁନ୍ଦରଗଡ, ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟ ମଧରେ ଦେବଗଡ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ, ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ପୂର୍ବତନ ରାଜ୍ୟସଭା...

ଆୟୋଜନ କରାଯାଇଥିବା ଦଳର ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଜଣାଇଛନ୍ତି । ଉଲ୍ଲେଖ୍ୟ ଯୋଗ୍ୟ ଯେ ୨୦୧୫ ରେ ବିଜେଡ଼ି ରାଜ୍ୟସଭା ଟିକେଟ୍ ପାଇ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ୨୦୧୫ ଡିସେମ୍ବର ୭ରୁ ୨୦୨୦ ଏପ୍ରିଲ୍ ୨ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ ।

### ରାଜ୍ୟରେ ଆଉ...

ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। କଳାହାଣ୍ଡି ଜିଲ୍ଲାର ଜଣେ ୫୫ ବର୍ଷୀୟ ପରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନି ରୋଗରେ ପୀଡିତ ଥିଲେ। କୋରାପୁଟ ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ରାୟଗଡା ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ।

## ଭୋଗରାଇରୁ ୯ ପ୍ଲାଜମାଦାତାଙ୍କ କଟକ ଯାତ୍ରା

ବାଲେଶ୍ୱର,୭।୯ (ନି.ପ୍ର): ମହାମାରୀ କରୋନାକୁ ପ୍ରତିହତ ନିମନ୍ତେ ସମ୍ପ୍ରତି ପ୍ଲାଜମା ଥେରାପି ଭିତ୍ତିକ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଆଜି ଭୋଗରାଇ ଅଞ୍ଚଳର ୯ ଜଣ ପ୍ଲାଜମାଦାତା କଟକ ଯାତ୍ରା କରିଛନ୍ତି। କରୋନା ସଂକ୍ରମଣ ପରେ ସୁସ୍ଥ ହୋଇଥିବା କୋଭିଡ୍ ହୀରୋଙ୍କଠାରୁ ପ୍ଲାଜାମା ନେଇ ଅନ୍ୟ ସଂକଟାପନ୍ନ ରୋଗୀଙ୍କୁ ବଞ୍ଚାଇବା ପ୍ରକ୍ରିୟା ଏବେ ରାଜ୍ୟରେ ଜାରି ରହିଛି। ଏନେଇ ସମଗ୍ର ରାଜ୍ୟରେ ଚୟନ କୋଭିଡ୍ ହୀରୋ ବା ପ୍ଲାଜମା ଡୋନୋରଙ୍କ ପୁନଃ କୋଭିଡ୍ ଟେଷ୍ଟ ପରେ ସେମାନଙ୍କଠାରୁ ପ୍ଲାଜମା ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ଭୋଗରାଇ ଅଞ୍ଚଳରେ ଚିହ୍ନଟ ହୋଇଥିବା ୯ ଜଣ କୋଭିଡ ହୀରୋ ପ୍ଲାଜମା ଦାନ ପାଇଁ ଆଜି କଟକ ଏସସିବି ମେଡିକାଲ କଲେଜକୁ ଯାତ୍ରା କରିଛନ୍ତି। ସେମାନଙ୍କ ସହ ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାରରୁ ଜଣେ ଟେକ୍ନିସିଆନ କଟକ ଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ଏହି କୋଭିଡ୍ ହୀରୋଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏନେଇ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ପ୍ଲାଜମା ଦାତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସେମାନଙ୍କ ଶୁଭଯାତ୍ରା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ବରିଷ୍ଠ ବିଜେଡି ନେତା ଶତ୍ରୁଘ୍ନ ମଲ୍ଲିକ, ବରଦା ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ।

## ସଂକ୍ରମଣକୁ ଖାତିର ନ କରି ସାରପାଇଁ ଲ୍ୟାମ୍ପରେ ଚାଷୀଙ୍କ ଭିଡ



ରାୟଗଡ଼ା ,୭।୯ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ସଦର ମହକୁମା ଲ୍ୟାମ୍ପରେ ସାର ପାଇଁ ଚାଷୀଙ୍କ ଭିଡ଼ ଦେଖିବାକୁ ମିଳିଛି । ଏ ପଟେ ଦିନକୁ ଦିନ ସଂକ୍ରମଣ ବାଡିବାରେ ଲାଗିଥିବାବେଳେ ସାରପାଇଁ ଚାଷୀ ଲ୍ୟାମ୍ପରେ ହଟହଟା ହୋଉଥିବା ଦେଖିବାକୁ ମିଳିଛି। ଭୋର ସକାଳୁ ଚାଷୀମାନେ ଲାଇନରେ ଠିଆ ହୋଇ ରହୁଥିଲେ ମଧ ସାର ପାଇ ପାରୁନାହନ୍ତି। ଲ୍ୟାମ୍ପ କର୍ମଚାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏହି ସ୍ଥାନରେ ନେଟୱାର୍କ ଅସୁବିଧା ତେଣୁ ଲଗ୍‌ଇନ୍ ହେବାରେ ବିଳମ୍ବ ହେଉଛି ବୋଲି ସୂଚନା ଦେଇଛନ୍ତି । ଏ ପଟେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ ଏସଆଇ ବିମଳ କଅଁର ଏସ ଆଇ ହରିବିନ୍ଦୁ ବେହେରା ଓ ପୁଲିସ ଷ୍ଟାଫ ଲ୍ୟାମ୍ପରେ ଆସି ଏହିପରି ଗହଳି ନ କରିବା ପାଇଁ ଲ୍ୟାମ୍ପର ଏମଡ଼ିଙ୍କୁ ଥାନା କର୍ମଚାରୀ ଥାନାକୁ ନେଇ ବୁଜାସୁଝା କରୁଥିବା ଜଣାପଡିଛି।

## ନରେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ଯୋଜନା ବୋର୍ଡ଼ ଉପାଧକ୍ଷଙ୍କ ଶୋକ

ଭୁବନେଶ୍ୱର,୭।୯ (ନି.ପ୍ର): ପୂର୍ବତନ ରାଜ୍ୟସଭା ସାଂସଦ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ବିୟୋଗରେ ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଂଜୟ କୁମାର ଦାସବର୍ମା ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ଶ୍ରୀ ଦାସବର୍ମା କହିଛନ୍ତି ଯେ, ତୃଣମୂଳ ସ୍ତରରୁ କାର୍ଯ୍ୟ କରି ନରେନ୍ଦ୍ର ବାବୁ ବିଜୁ ଜନତା ଦଳରେ ସମ୍ମାନଜନକ ସ୍ଥାନ ପାଇଥିଲେ। ନିଜର ସରଳ ଜୀବନଯାପନ, ନିଷ୍ପାପର ସେବା ପାଇଁ ଉତରପିଢ଼ିଙ୍କ ପାଇଁ ସେ ଉଦାହରଣ ହୋଇ ରହିବେ । ତାଙ୍କର ସାଂଗଠନିକ ଦକ୍ଷତା ଓଦଳ ନିମନ୍ତେ ଉତ୍ସର୍ଗୀକୃତ ଅବଦାନ ଅସାମାନ୍ୟ ଉଦାହରଣ ହୋଇ ରହିବ । ଶ୍ରୀ ଦାସବର୍ମା ଅମର ଆତ୍ମାର ସଦ୍‌ଗତି କାମନା କରିବା ସଂଗେ ସଂଗେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଆନ୍ତରିକ ସମବେଦନା ଜ୍ଞାପନ କରିଛନ୍ତି ।

## ଗୋଟିଏ ଦିନରେ ୩୮୬୧ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୧,୨୭,୮୯୨କୁ ବୃଦ୍ଧି

ଭୁବନେଶ୍ୱର,୭।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୮୬୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୨୭,୮୯୨କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୬,୩୬୪ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୦୯୧୯ ରହିଛି। ଆଜି ଚିହ୍ନଟ ହୋଇଥିବା ୩୮୬୧ ଜଣଙ୍କ ମଧ୍ୟରୁ ୨୨୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୮୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୭୬୭ ନୂଆ ମାମଲା ସାମନାକୁ ଆସିଛି। ଅନୁଗୁଳ ଜିଲ୍ଲାରେ ୧୨୦, ବାଲେଶ୍ୱର ଜିଲ୍ଲାରେ ୧୦୫ ଜଣ, ବରଗଡ ଜିଲ୍ଲାରେ ୧୭୬, ଭଦ୍ରକ ଜିଲ୍ଲାରେ ୭୪, ବୌଦ୍ଧ ଜିଲ୍ଲାରେ ୨୨, ବଲାଙ୍ଗିର ଜିଲ୍ଲାରେ ୭୫ . କଟକ ଜିଲ୍ଲାରେ ୩୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦେବଗଡ ଜିଲ୍ଲାରେ ୧୨. ଢେଙ୍କାନାଳ ଜିଲ୍ଲାରେ ୭୪, ଗଜପତି ଜିଲ୍ଲାରେ ୧୪,ଗଂଜାମ ଜିଲ୍ଲାରେ ୯୧, ଜଗତସିଂହପୁର ଜିଲ୍ଲାରେ ୮୬, ଯାଜପୁର ଜିଲ୍ଲାରେ ୨୮୫ . ଝାରସୁଗୁଡା ଜିଲ୍ଲାରେ ୧୯୯, କଳାହାଣ୍ଡି ଜିଲ୍ଲାରେ ୨୮ . କନ୍ଧମାଳ ଜିଲ୍ଲାରେ ୨୫, କେନ୍ଦ୍ରାପଡା ଜିଲ୍ଲାରେ ୮୩ ,କେନ୍ଦୁଝର ଜିଲ୍ଲାରେ ୬୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୮୬ ଜଣ, ମାଲକାନଗିରି ଜିଲ୍ଲାରେ ୩୩ , ମୟୁରଭଂଜ ଜିଲ୍ଲାରେ ୧୨୨, ନବରଙ୍ଗପୁରରେ ୪୪, ନୟାଗଡ ଜିଲ୍ଲାରେ ୫୭, ନୂଆପଡା ଜିଲ୍ଲାରେ ୪୮, ପୁରୀ ଜିଲ୍ଲାରେ ୨୦୦, ରାୟଗଡା ଜିଲ୍ଲାରେ ୧୫୩, ସମ୍ବଲପୁର ଜିଲ୍ଲାରେ ୭୭ ,ସୋନପୁର ଜିଲ୍ଲାରେ ୧୧୭ ତଥା ସୁନ୍ଦରଗଡ ଜିଲ୍ଲାରେ ୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ୩ ସପ୍ତାହ ଅହୋରାତ୍ର ଧାରଣାର ଅବସାନ

➤ଜିଲ୍ଲାପାଳଙ୍କ ମଧ୍ୟସ୍ଥତାରେ ସଫଳ ତ୍ରିପାକ୍ଷିକ ବୈଠକ

➤ଆଜିଠାରୁ କାର୍ଯ୍ୟକ୍ଷମ ହେବ ବିର୍ଲା ଟାୟାର୍ସ



ବାଲେଶ୍ୱର,୭।୯ (ନି.ପ୍ର): ବକେୟା ଦରମା ପ୍ରଦାନ ଓ ଅନ୍ୟାନ୍ୟ ଦାବି ନେଇ ବିରଳା ଟାୟାର୍ସ କାରଖାନା ସମ୍ମୁଖରେ ଦୀର୍ଘ ୩ ସପ୍ତାହ ଧରି ଚାଲିଥିବା ଶ୍ରମିକଙ୍କ ଅହୋରାତ୍ର ଧାରଣାର ଆଜି ଅବସାନ ଘଟିଛି। ଜିଲ୍ଲାପାଳଙ୍କ ମଧ୍ୟସ୍ଥତାରେ ଆୟୋଜିତ ତ୍ରିପାକ୍ଷିକ ବୈଠକ ସଫଳ ହେବା ସହ ଅନ୍ଦୋଳନକାରୀମାନେ ଧାରଣାରୁ ନିବୃତ ହୋଇଛନ୍ତି। ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ଶିଳ୍ପାନୁଷ୍ଠାର ୟୁନିଟ୍ ହେଡ୍ ଦେବାଶିଷ ରାୟ, ଏଚଆର ହେଡ୍ ହିମାଂଶୁ ପାତ୍ର, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ସଂଜୟ ପ୍ରଧାନଙ୍କ ସମେତ ୮ ଗୋଟି ଶ୍ରମିକ ସଂଗଠନର ପ୍ରତିନିଧି ସତ୍ୟନାରାୟଣ ଆଚାର୍ଯ୍ୟ, କ୍ଷୀରସିନ୍ଧୁ ବାରିକ, କ୍ଷୀରୋଦ ବାରିକ, ଭୋଳାନାଥ ବେହେରା, ଅରୁଣ କୁମାର ସ୍ୱାଇଁ, ଅଶୋକ ରାଉତ, ରତିକାନ୍ତ ବ୍ରହ୍ମଚାରୀ, ଉପେନ୍ଦ୍ର ବେହରା ଓ କାରଖାନା ସମ୍ମୁଖରେ ଧାରଣା ଦେଇଥିବା ସ୍ଥାନୀୟ ଅଞ୍ଚଳର ଶ୍ରମିକ ପରିବାରଙ୍କ ୪ ପ୍ରତିନିଧି ଛବୀନ୍ଦ୍ର ମହାନ୍ତି, ଦିବାକର ପଣ୍ଡା, ବିବେକାନନ୍ଦ ରାଉତ ଏବଂ ଦୀପକ ପରିଡ଼ା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୀର୍ଘ ସମୟର ଆଲୋଚନା ପରେ ଜିଲ୍ଲାପାଳଙ୍କ ପ୍ରସ୍ତାବ କ୍ରମେ ବକେୟା ୮ ମାସର ଦରମାରୁ ମାତ୍ର ୧ ମାସର ଦରମା ଦୁଇଗୋଟି କିସ୍ତିରେ ପ୍ରଦାନ ପାଇଁ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ରାଜି ହୋଇଥିଲେ। ଆସନ୍ତାକାଲି ଅର୍ଥାତ ୮ ତାରିଖ ଦିନ ଅଧା ମାସର ଦରମା ଓ ଆସନ୍ତା ୧୫ ତାରିଖ ଦିନ ଆଉ ଅଧା ମାସର ଦରମା ପ୍ରଦାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିଲେ। ସେହି କ୍ରମରେ ଆସନ୍ତାକାଲି 'ଏ'ସିଫ୍ଟରୁ କାରଖାନାର ଉତ୍ପାଦନ ଆରମ୍ଭ କରିବା ନିମନ୍ତେ କର୍ତ୍ତୃପକ୍ଷ ଓ ଶ୍ରମିକ ପ୍ରତିନିଧିମାନେ ସମ୍ମତି ପ୍ରକାଶ କରିଥିଲେ। ପରିଚାଳନା କର୍ତ୍ତୃପକ୍ଷ ସମ୍ପ୍ରତି ପାଣ୍ଠି ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିବା ବେଳେ ଆଗାମୀ ଦିନରେ ବକେୟା ଅର୍ଥ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ ବୋଲି ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଛି। କାରଖାନା ଯେପରି ସୁସ୍ଥ ବାତାବରଣ ମଧ୍ୟରେ କାର୍ଯ୍ୟକ୍ଷମ ରହିବ ସେନେଇ ଉଭୟ ପକ୍ଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାରଖାନା ଚାଲିବା ପରେ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବୈଠକ ପରେ କମ୍ପାନି କର୍ତ୍ତୃପକ୍ଷ ଓ ଶ୍ରମିକ ସଂଗଠନ ପ୍ରତିନିଧିମାନେ କାରଖାନା ଗେଟ୍ ନିକଟରେ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରିବା ପରେ ସମସ୍ତେ ଧାରାଣାରୁ ନିବୃତ ହୋଇଥିଲେ। ସକାଳଠାରୁ ଉତ୍ପାଦନ ଆରମ୍ଭ ହେବ ବୋଲି ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଏହି ବୈଠକ ବେଳେ ହଜାରେରୁ ଅଧିକ ବିରଳା ଶ୍ରମିକ ସଦଭାବନା ସଭାଗୃହ ସମ୍ମୁଖରେ ଉପସ୍ଥିତ ରହି ନିର୍ଯ୍ୟାସକୁ ଉଦବିଗ୍ନର ସହ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ବିର୍ଲା ଟାୟାର୍ସର ଅଚଳାବସ୍ଥା ଦୂର କରିବା ପାଇଁ ପୂର୍ବରୁ ସ୍ଥାନୀୟ ଲୋକପ୍ରତିନିଧିମାନେ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ଶେଷରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଶ୍ରମିକଙ୍କ ମୁହଁରେ ହସ ଫୁଟାଇଛି ବୋଲି ଶ୍ରମିକ ମହଲରେ ଆଲୋଚନା ହେଉଛି।

## ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ବନ୍ୟା କ୍ଷୟକ୍ଷତିର ରିପୋର୍ଟ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ନିକଟକୁ ପ୍ରଦାନ

ବାରିପଦା ,୭।୯ (ନି.ପ୍ର): ମୟୂରଭ ଜିଲ୍ଲାରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଜନିତ ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ ୨ କୋଟି ୨ ଲକ୍ଷ ୬୪ ହଜାର ୧୪୦ ଟଙ୍କାର କ୍ଷୟକ୍ଷତି ପରିମାଣର ବିବରଣୀ ଓଡିଶା ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ନିକଟକୁ ପଠାଯାଇଅଛି। ସୂଚନା ଯୋଗ୍ୟ କି ମୟୂରଭ ଜିଲ୍ଲାରେ ଗତ ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱାଭାବିକ ବୃଷିପାତ ଠାରୁ ଅଧିକ ବର୍ଷା ଫଳରେ ଗତ ଅଗଷ୍ଟ ୨୫ ଓ ୨୬ ତାରିଖ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ବିଶେଷ କରି ଜିଲ୍ଲାର ବାରିପଦା, ଶାମାଖୁଣ୍ଟା, ବଡସାହି, ବେତନଟି, ଖୁଣ୍ଟା, ଗୋପବନ୍ଧୁନଗର, ମୋରଡା, କୁଳିଅଣା, ବାଂଗିରିପୋଷି, ବିଶୋଇ, ରାଇରଙ୍ଗପୁର, କୁସୁମି, ଶୁକୃଳୀ, କରଂଜିଆ, ଠାକୁରମୁଣ୍ଡା, ଉଦଳା ଆଦି ୧୬ ଟି ବ୍ଲକ ଅଂଚଳରେ ବିଶେଷ ପ୍ରଭାବିତ ହୋଇଥିବାବେଳେ ଅନ୍ୟାନ୍ୟ ବ୍ଲକ ଅଂଚଳ ମଧ ବର୍ଷାରେ ପ୍ରଭାବିତ ହୋଇଥିଲା। ଏହା ଫଳରେ ଜିଲ୍ଲାରେ ୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଜିଲ୍ଲାର କ୍ଷୟକ୍ଷତି ଆକଳନନୁଯାଇ ୪୭୦ ଗ୍ରାମର ୧୧,୮୨୬ ଲୋକ ପ୍ରଭାବିତ ହୋଇଥିଲେ। ଏଥିରେ ଜିଲ୍ଲାର ୮୧୦୨ ହେକ୍ଟର ପ୍ରଭାବିତ ହୋଇଥିବା ଚାଷଜମିରେ ୮୧୮.୭୮ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ଉଦ୍ୟାନ କୃଷି ଫସଲ ୬୫ ହେକ୍ଟର ଜମିରେ ଯଥାକ୍ରମେ କୃଷି ଫସଲ ୫୫ ଲକ୍ଷ ୬୭ ହଜାର ୭୦୪ ଟଙ୍କା ଏବଂ ଉଦ୍ୟାନ କୃଷି ଫସଲ ୪ଲକ୍ଷ ୪୨ ହଜାର ଫସଲ କ୍ଷତି ହୋଇଛି। ସେହିପରି ୧୫୬୬ ଟି ଗୃହ କ୍ଷତିଗ୍ରସ୍ତ ପାଇଁ ୧ କୋଟି ୨୦ ଲକ୍ଷ ୯୨ ହଜାର ୩୦୦ ଶହ ଟଙ୍କାର କ୍ଷତି ପରିମାଣ ଦର୍ଶାଯାଇଛି। ଜିଲ୍ଲା ପ୍ରାଣୀ ସଂପଦ ବିଭାଗ ଆକଳନ ଜୁଲାଇ ୨୮ ଟି ଗୃହପାଳିତ ପଶୁ / ପକ୍ଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଏହାର କ୍ଷତି ପରିମାଣ ୧ଲକ୍ଷ ୩୨ଜହାର ୫୦୦ ଟଙ୍କା ଓ ଜିଲ୍ଲ ମତ୍ସ୍ୟ ବିଭାଗର ୧୨ ଲକ୍ଷ ୨୦ହଜାର, ବନ୍ୟା ସ୍ଥିତି ସମୟରେ ଲୋକମାନଙ୍କ ନିରାପଦସ୍ଥାନରେ ଆଶ୍ରୟ ଯୋଗାଇଦେବା ସହ ସେମାନଙ୍କୁ ରିଲିଫ ଓ ଥଇଥାନ / ପୁନଃଉଦ୍ଧାର ଆଦି କାର୍ଯ୍ୟରେ ଜରୁରୀ କାଳିନ ସହାୟତା ଯଥା ରନ୍ଧାଖାଦ୍ୟ / ଶୁଖିଲା ଖାଦ୍ୟ, ବାସନକୁସନ, ଲୁଗାପଟା, ପଲିଥିନ ଆଦି ମୋଟ ୭ ଲକ୍ଷ ୭୭ ହଜାର ୬୩୬ ଟଙ୍କା ଏବଂ ଜରୁରୀ କାଳିନ ରିଲିଫ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିୟୋଜିତ ଜୀବନରକ୍ଷାକାରୀ ଉପକରଣ ବ୍ୟବହାର ତଥା ପରିଚାଳନା ଆଦି କାର୍ଯ୍ୟରେ ୩୨ ହଜାର ଟଙ୍କା ଖର୍ଚ୍ଚ ବିବରଣୀ ସହ ଏହିପରି ସର୍ବମୋଟ୍ ୨ କୋଟି ୨ ଲକ୍ଷ ୬୪ ହଜାର ୧୪୦ ଟଙ୍କାର କ୍ଷୟକ୍ଷତି ଭରଣ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ରିଲିଫ କୋର୍ଡ ନିୟାମାନୁସାରେ ସବିଶେଷ ବିବରଣୀ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ନିକଟକୁ ପଠାଯାଇଛି।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୯୦,୮୦୨ ନୂଆ ମାମଲା: ୧୦୧୬ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୦୭ ସେପ୍ଟେମ୍ବର ଅଗଷ୍ଟ (ହି.ସ.) - ଦେଶରେ ଗତ ୨୪ଘଂଟା ମଧ୍ୟରେ ୯୦୮୦୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୧୦୧୬ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୨,୦୪,୬୧୪ ରେ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୩୨,୫୦,୪୨୯ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ସକ୍ରିୟ ରୋଗୀଙ୍କ ସଂଖ୍ୟା ୮,୮୨୫୪୨ ବର୍ତ୍ତମାନ ସୁଦ୍ଧା ୭୧,୬୪୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟନ

ଭଦ୍ରକ,୭।୯ (ନି.ପ୍ର): ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର ସି.ଆର.ଏସ୍.ଆର ଏବଂ ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ମିଳିତ ସହଯୋଗରେ ଭିନ୍ନକ୍ଷମମାନଙ୍କୁ ଆବଶ୍ୟକୀୟ ଉପକରଣ ବଣ୍ଟନ ନିମନ୍ତେ ଏକ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଅଛି। ଏହି ଶିବିରରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧକ୍ଷତାରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା



୭୪ ଜଣ ଭିନ୍ନକ୍ଷମମାନଙ୍କୁ ଭାରତ ସରକାରଙ୍କ ଏଡିଆଇପି ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକାର ଉପକରଣ ଯଥା- ଟ୍ରାଇସାଇକେଲ-୧୪, ଘୂର୍ଣ୍ଣନ ଚୌକି-୦୨, ଶ୍ରବଣଯନ୍ତ୍ର-୧୬, ଧଳାବାଡ଼ି-୦୬, କୃତ୍ରିମ ଅଙ୍ଗ-୧୦, କାଲିପର-୨୫, ଆଶାବାଡ଼ି-୧୩, ୱାକର-୦୪, ଡ଼େଜିପ୍ଲେୟର-୦୩ ଏବଂ ସ୍ମାର୍ଟଫୋନ-୦୫ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ରାୟ, ସି.ଆର.ଏସ.ଆର. ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଭଗବାନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସି.ଆର.ଏସ.ଆର. କର୍ମଚାରୀମାନେ ପରିଚାଳନା କରିଥିଲେ।

## ଅପଗ୍ରେଡ୍ ହେଲା ବିଏମସିର ହେଲ୍‌ପ୍ ଲାଇନ୍ ନମ୍ବର

ଭୁବନେଶ୍ୱର,୭।୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ତା'ର କୋଭିଡ୍-୧୯ ହେଲ୍‌ପ୍ ଲାଇନ୍ ନମ୍ବର ୧୯୨୯କୁ ସୋମବାର ଦିନ ଅପଗ୍ରେଡ୍ କରିଛି।ଭୁବନେଶ୍ୱର ନିମନ୍ତେ ଏଥର ଏହି ହେଲ୍‌ପ୍ ଲାଇନ୍ ନମ୍ବର ୨୪×୭ ସକ୍ରିୟ ରହିବ। ଏହି ହେଲ୍‌ପ୍ ଲାଇନ୍ ନମ୍ବରକୁ ଫୋନ୍ କରି ଭୁବନେଶ୍ୱର ମହାନଗର ନିଗମ ଅଂଚଳର କୋଭିଡ୍-୧୯ ସମ୍ବନ୍ଧୀୟ ଅନୁସନ୍ଧାନ କରିହେବ। ବିଏମସି ଟୁଇଟ୍ କରି ଏହି ସୂଚନା ଦେଇଛି। ସେହିଭଳି କଟକ ମହାନଗର ନିଗମ ମଧ ଆଜି ଟୁଇଟ୍ କରି କଟକ ସହର ମଧ୍ୟରେ ଥିବା କୋଭିଡ୍-୧୯ ହେଲ୍‌ଥ୍ କେୟାର୍ ସେଂଟର୍ ଗୁଡ଼ିକର ହେଲ୍‌ପ୍ ଲାଇନ୍ ନମ୍ବର ଜାରି କରିଛି। ସେଥିରେ ଭର୍ତି ହୋଇଥିବା ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସେ ପାଉଥିବା ଚିକିତ୍ସା ବିଷୟରେ ସେମାନଙ୍କ ପରିବାର ସଦସ୍ୟମାନେ ଏହି ହେଲ୍ ଲାଇନ୍ ନମ୍ବରରେ ଫୋନ୍ କରି ବୁଝିପାରିବେ।

## ପୁଲିସ ଉପସ୍ଥିତିରେ ଜବରଦଖଲ ଗୋଚର ଜମି ମାପ



ବାଲେଶ୍ୱର,୭।୯ (ନି.ପ୍ର): ଖାନନଗର ପଞ୍ଚାୟତରେ ଗୋଚର ଜମି ଜବରଦଖଲକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ସ୍ଥିତିକୁ ଏଡ଼େଇବା ପାଇଁ ସଦର ସହସିଲର ଏକ ଟିମ୍ ଆଜି ମାପଜୁପ୍ କରିଛି। ସଦର ତହସିଲଦାର ପଞ୍ଚାନନ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ଶତ୍ରୁଘ୍ନ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଖାନନଗର ପଡ଼ିଆ ଗୋଚର ଜମିରେ ନିର୍ମାଣଧୀନ ମନ୍ଦିର ଓ ଗୃହ ନିର୍ମାଣ ପାଇଁ ଦଖଲ ଗୋଚର ଜମିକୁ ଯାଞ୍ଚ କରିଛନ୍ତି। ଏହି ଗ୍ରାମର ୪୬୯ନଂ ଖାତା ଓ ୫୫୮ ନଂ ଖସଡ଼ାରେ ଥିବା ୧୧ଏକର ୧ ଡିସିମିଲ ଗୋଚର ଜମିରେ ଆବାହମାନ କାଳରୁ ଗୋରୁଗାଈ ଚରିବା ସହିତ ସ୍କୁଲ କଲେଜର ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରିଆସୁଥିଲେ। ମାତ୍ର ଗତ କିଛିଦିନ ଧରି କେତେକ ସ୍ଥାନୀୟ ବାସିନ୍ଦା ଓ ଏହି ଗ୍ରାମର କ୍ୱାଇଁ ପୁଲିସ ଇନ୍‌ସ୍ପେକ୍ଟର ଦୀପକ କୁମାର ଜେନା(କରୋନା ବେଳେ ପୁରୀ ଶ୍ରୀମନ୍ଦିର ପ୍ରବେଶ ସହ ବିବାଦୀୟ ହୋଇଥିବା) କିଛି କିଛି ଗୋଚର ଜମିକୁ ଜବରଦଖଲ କରିଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ପୁଲିସ କ୍ୱାଇଁ ଶ୍ରୀ ଜେନାଙ୍କ ପରାମର୍ଶ କ୍ରମେ ଶ୍ୱଶୁର ଘର ଲୋକଙ୍କ ସମେତ ଅନ୍ୟ କେତେକ ପରିବାର ମନ୍ଦିର ନିର୍ମାଣ କରିବା ଆଳରେ ପ୍ରଥମେ କିଛି ଜମି ଓ ପରେ ଅଧିକ ଜମିକୁ ଦଖଲ ପାଇଁ ଉଦ୍ୟମ କରିଥିବା ଦେଖି ଗ୍ରାମର ଅନ୍ୟମାନେ ମଧ୍ୟ ନିଜ ନିଜ ଜମିପାର୍ଶ୍ୱ ଖାଲି ପଡ଼ିଥିବା ଗୋଚର ଜମିକୁ ଦଖଲ ଆରମ୍ଭ କରିଥିଲେ। ଅଦ୍ୟାବଧି ସମ୍ପୃକ୍ତ ୧୧ ଏକର ଜମିରୁ ୩ ଏକରରୁ ଉର୍ଦ୍ଧ୍ୱ ଜାଗା ସମେତ ଗ୍ରାମର ଅନ୍ୟାନ୍ୟ ସରକାରୀ ଜମି ଜବରଦଖଲକାରୀଙ୍କ କବଜାକୁ ଚାଲିଯିବା ଦେଖି କେତେକ ବୁଦ୍ଧିଜୀବୀ ଏଥିରେ ହସ୍ତକ୍ଷେପ କରିବା ସହ ସଦର ତହସିଲଦାରଙ୍କ ନିକଟରେ ଅଭିଯୋଗ କରଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବରୁ ମଧ୍ୟ ଥରେ ଏହି ଜମି ମାପଜୁପ ହୋଇଥିଲା। ମାତ୍ର ଜବରଦଖଲକାରୀମାନେ ଏହି ମାପକୁ ନ ମାନିବା ଦେଖି ପୁଲିସ ଫୋର୍ସ ସହ ସହସିଲ ଟିମ୍ ଆଜି ମାପ କରିଥିଲା। ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ମାପ ବେଳେ ସଦର ଥାନା ପୁଲିସ ସମେତ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ମାପ ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

### ବିପୁଳ ପରିମାଣରେ ପୋଛ, ଦେଶୀମଦ ଓ ବହୁତ ରନ୍ଧନ ସାମଗ୍ରୀ ନଷ୍ଟ

ରାୟଗଡ ,୭।୯ (ନି.ପ୍ର): ରାୟଗଡା ଜିଲ୍ଲାରେ ଦିନକୁ ଦିନ ଚୋରାମଦ କାରବାର ବୃଦ୍ଧି ପାଉଥିବା ଦୃଷ୍ଟିରେ ରଖୀ ଜିଲ୍ଲାପାଳ, ପ୍ରମୋଦ କୁମାର ବେହେରା ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଗତ ତା ୨.୯.୨୦ରିଖ ଠାରୁ ତା ୬.୯.୨୦ରିଖ ମଧରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ଦଳବଳ ଚଢ଼ାଉ କରିଥିଲେ ଓ ବହୁ ପରିମାଣର ଦେଶୀମଦ, ପୋଛ ଓ ସାମଗ୍ରୀ ଜବତ କରିବାସହ ନଷ୍ଟ କରିବାରେ ସଫଳ ହୋଇଛନ୍ତି । ଗତ ତା୨.୦୯.୨୦ରିଖଦିନ ବିଷମ କଟକ ଅବକାରୀ ଉପନିରୀକ୍ଷକ ଓ ତାଙ୍କ ଟିମର ଉଦ୍ୟମ ରେ ଉର୍ଲାଯୋଡି ଗ୍ରାମରେ ଚଢ଼ାଉ କରି ୮ଲିଟର ଦେଶୀମଦ ଜବତ କରିବା ସହ ଦୀନବନ୍ଧୁ କୌଶଲ୍ୟା ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ସେହିପରି ଗୁଣୁପୁର ଥାନା ଅନ୍ତର୍ଗତ ପୁରୁଣା ଗୁଣୁପୁରର ଓକିଲଗୁଡ଼ା ଗ୍ରାମରେ ଚଢ଼ାଉ କରି ୪୫୦ଲିଟର ପୋଛ ଜବତ କରି ନଷ୍ଟ କରାଯାଇଥିଲା। ସେହିପରି ରାୟଗଡା ଅବକାରୀ ଉପନିରୀକ୍ଷକ ଶ୍ରୀ ସୂର୍ଯ୍ୟ ନାରାୟଣ ରଥଙ୍କ ଟିମ ସହରର ତୁମ୍ବିଗୁଡା ଓ ହରିଜନ ସାହିରେ ଚଢ଼ାଉ କରି ୨୦ ଲିଟର ଓ ୧୩୦ ଲିଟର ଦେଶୀମଦ ସାଂଗକୁ ମାଧବ ସଗଡ଼ିଆ ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲେ । ସେହିପରି ତା ୫.୦୯.୨୦ ରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଛି । ବିଷମ କଟକ ଥାନା ଅନ୍ତର୍ଗତ ସିକମ୍ପଦର ଗ୍ରାମରେ ଚଢ଼ାଉ କରି ୫୨୦ଲିଟର ପୋଛ ଓ ୧୩ଲିଟର ଦେଶୀମଦ ଜବତ କରିବା ସହ ନଷ୍ଟ କରିଥିଲେ। ସେହିପରି ରାୟଗଡା ଥାନା ଅନ୍ତର୍ଗତ ଝିପାଖାଲ ଗ୍ରାମରେ ଚଢ଼ାଉ କରି ୪୦୦ ଲିଟର ପୋଛ ନଷ୍ଟ କରିଥିବା ବେଳେ ସେଶଖାଲ୍



ଥାନା ଅନ୍ତର୍ଗତ ଗଗନପେଟା ଗ୍ରାମରେ ଚଢ଼ାଉ କରି ୧୫ ଲିଟର ଦେଶୀମଦ ସହିତ ରତ୍ନାଉଲ ଓମପ୍ରକାଶ ଓ ରତ୍ନାଉଲ ପ୍ରଭାକର ନାମକ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେହିପରି ଗୁଣୁପୁର ଥାନା ଅନ୍ତର୍ଗତ ଡୁବୁରୀଗୁଡା ଗ୍ରାମରେ ଚଢ଼ାଉ କରି ୨୦୦ ଲିଟର ପୋଛ ନଷ୍ଟ କରିଥିଲେ। ସେହିପରି ତା ୬.୯.୨୦ରଖଦିନ ରାୟଗଡା ସଦର ଅବକାରୀ ଉପନିରୀକ୍ଷକ ଓ ଦଳବଳ ଆପେପେଟା ଷ୍ଟ୍ରୀଟ ଅଞ୍ଚଳରେ ଚଢ଼ାଉ କରିଥିଲେ ଓ ୫୦ଲିଟର ଦେଶୀମଦ ସହ ଥବିର ଟାଙ୍କରି ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ସେହିପରି ଗୁରୁମଗୁଡା ଅଞ୍ଚଳରେ ଚଢ଼ାଉ କରି ୪୦୦ ଲିଟର ପୋଛ ଓ ଅନ୍ୟାନ୍ୟ ମଦରନ୍ଧା ସାମଗ୍ରୀ ନଷ୍ଟକରାଯାଇଥିବା ଖବର ଜିଲ୍ଲା ଅବକାରୀ ଅଧକ୍ଷ ଶ୍ରୀ ଦଣ୍ଡପାଣି ବେହେରା ଜଣାଇଥିଲେ। ପ୍ରକାଶ ଥାଉକି ଅବକାରୀ ଅଧୀକ୍ଷକ ଶ୍ରୀ ଦଣ୍ଡପାଣି ବେହେରାଙ୍କ ଦୃଢ଼ ନେତୃତ୍ୱ ବଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟମିତ ଚଢ଼ାଉ କରିବା ଫଳରେ ଚୋରାମଦ ବେପାରୀନଙ୍କୁ କାବୁ କରାଯାଇପାରିଛି।

## କେରଳରେ ଗତ ୨୪ ଘଂଟାରେ ୧୬୪୮ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ତିରୁବନନ୍ତପୁରମ ,୭।୯ (ନି.ପ୍ର): କେରଳରେ ଗତ ୨୪ ଘଂଟାରେ ୧୬୪୮ ନୂଆ କରୋନା ସଂକ୍ରମଣର ମାମଲା ସାମନାକୁ ଆସିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ସହ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨୨, ୦୬୬ ହୋଇ ଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୬୭୦୦୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛି ।

## ବନ୍ଦହେବନି ବରାଦି ମହାପ୍ରସାଦ:ସୁଆର ମହାସୁଆର ନିଯୋଗ

ପୁରୀ,୭।୯ (ନି.ପ୍ର): ପୁରୀ ସହରରେ ବର୍ତ୍ତମାନ ପିତୃ ପକ୍ଷ ଆରମ୍ଭ ହୋଇଥିବା ରୁ ପ୍ରତ୍ୟେକ ଘରେ ଘରେ ପିତୃପୁରୁଷ ଙ୍କ ଉଦେଶ୍ୟରେ ଗୃହକର୍ତା ମାନେ ନିଜ ଘରେ ଓ ତୀର୍ଥ ପୁଷ୍କରିଣୀ ସହ ବେଳାଭୂମୀ ରେ ପ୍ରତ୍ୟହ ପିତୃପୁରୁଷ ଙ୍କ ଉଦେଶ୍ୟରେ ତର୍ପଣ କରିବା ସହ ଶ୍ରାଦ୍ଧ ପ୍ରଦାନ କରୁଛନ୍ତି। ତର୍ପଣ କାର୍ଯ୍ୟ ବେଳେ ମହାପ୍ରସାଦ ର ଆବଶ୍ୟକତା ଯଥେଷ୍ଟ ରହିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବରାଦି ମହାପ୍ରସାଦ ବନ୍ଦ କରିବା ପାଇଁ ସୁଆର ମହାସୁଆର ନିଯୋଗ କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଂପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ ବରାଦି ମହାପ୍ରସାଦ ବନ୍ଦ ନକରି ଆମେ ପରିମାଣ କମାଇ ଦେବୁ। ଗତକାଲି ଶ୍ରାଦ୍ଧ ବରାଦି ରେ ୧୨୦୦ ରୁ ୧୩୦୦ ଦାର୍ସିଆ ହାଣ୍ଡି ସେଟ ବାହାରିଥିଲା। ଏତଦବ୍ୟତୀତ ବାଇହାଣ୍ଡି ସେଟ ମଧ୍ୟ ବରାଦି ଭୋଗ ରେ ବିକ୍ରି ହୋଇଥିଲା। ଶ୍ରୀମନ୍ଦର ଉତର ଦ୍ୱାର ସମ୍ମୁଖରେ ଆମେ ଗୋଟିଏ କାଉଂଟର ଖୋଲିଥିଲୁ ଏବେ ଗହଳି କମାଇବାକୁ ଦକ୍ଷିଣ ଦ୍ୱାରରେ ଅନ୍ୟ ଏକ କାଉଂଟର ଖୋଲାଯାଇଛି। କୋଭିଡ୍ ସଂକ୍ରମଣ ପରିପେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ସୁଆର ମହାସୁଆର ନିଯୋଗ ସହିତ ଆଲୋଚନା କରିଛି। ରୋଷ ଘରେ ନିୟମିତ ୫୦ ରୁ ଅଧିକ ବୋଝିଆ ନିୟୋଜିତ ହେଉଥିବା ବେଳେ ଏବେ ଏହି ସଂଖ୍ୟା କୁ ୨୫ କୁ କମାଇ ଦିଆଯାଇଛି। ସେହିପରି ପାଣିଆ ଙ୍କ ସଂଖ୍ୟା ୫୫ ରୁ ୨୫,୧୦୦ ପରିବା କଟାଳୀ ଙ୍କ ସ୍ଥାନରେ ମାତ୍ର ୧୫ ଜଣଙ୍କୁ ନିୟୋଜିତ କରାଯାଇଛି। ଆଗ୍ରହୀ ଲୋକେ ଆଗୁଆ ଟଙ୍କା ଜମା କରି ଭଅଣ୍ଡ ବାହାରିଲେ ମହାପ୍ରସାଦ ନେଇ ପାରିବେ। ମହାପ୍ରଭୁ ଙ୍କ ଭଅଣ୍ଡ ଭୋଗରେ ପାଖାପାଖି ୪ କ୍ୱିଂଟାଲ ପ୍ରସାଦ କାଲି ଉଠିଥିଲା।

## ଏଚ୍ଏସ୍‌ଟିଡିଭି ଉତକ୍ଷେପଣ ପାଇଁ ଡିଆର୍‌ଡିଓକୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୭।୯ (ନି.ପ୍ର): ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆର୍‌ଡିଓ) ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟା ୩ ମିନିଟରେ ଧାମରାସ୍ଥିତ ଅବଦୁଲ୍ କଲାମ ଦ୍ୱୀପର ୪ ନମ୍ବର ଲଂଚପ୍ୟାଡ୍ ରୁ ହାଇପରସୋନିକ୍ ଗତିଶୀଳଯାନ (ଏଚ୍ଏସ୍‌ଟିଡିଭି/ହାଇପରସୋନିକ୍ ଟେକ୍ନୋଲୋଜି ଡେମୋନ୍‌ଷ୍ଟ୍ରେସନ୍ ଭେହିକିଲ୍) ପରୀକ୍ଷଣ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଡିଆରଡିଓ କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଆଗାମୀ ଦିନରେ ଭାରତର ପ୍ରତିରକ୍ଷା କ୍ଷମତାକୁ ଆହୁରି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo